RNI No.ODIODI/2010/33031
୧୦ମ ବର୍ଷ Volume-10
ସଂଖ୍ୟା- ୯୩ Issue- 93
ଭୁବନେଶ୍ୱର, ବୁଧବାର ୧୯ ଜୁନ୍ ୨୦୧୯
Bhubaneswar, Wednesday 19 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

କେନ୍ଦ୍ର ସରକାରଙ୍କ ନିଶା ନିବାରଣ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର ବନିଲେ ସଞ୍ଜୟ ଦତ୍ତ

ଲୋକସଭା ବାଚସ୍ପତି ହେଲେ ଓମ୍ ବିର୍ଲା

ନୂଆଦିଲ୍ଲୀ, ୧୮।୬: ସପ୍ତଦଶ ଲୋକସଭାର ନୂତନ ବାଚସ୍ପତି ପ୍ରାର୍ଥୀ ରୂପେ ଭାରତୀୟ ଜନତା ପାର୍ଟି (ବିଜେପି)ର ନବ ନିର୍ବାଚିତ ସାଂସଦ ଓମ୍ ବିର୍ଲାଙ୍କୁ ଏନ୍‌ଡିଏ ପକ୍ଷରୁ ମନୋନୀତ କରାଯାଇଛି। ଲୋକସଭାରେ ଏନଡିଏର ସଂଖ୍ୟା ଦୃଷ୍ଟିରୁ ବାଚସ୍ପତି ରୂପେ ନିର୍ବାଚିତ ହେବା ପାଇଁ ସାଂସଦ ବିର୍ଲାଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ତେବେ, ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀ ରୂପେ ବିଜେପି ପକ୍ଷରୁ ଓମ୍ ବିର୍ଲାଙ୍କ ନାମ ଘୋଷଣା କରାଯିବା ପରେ ଏବେ ତାଙ୍କ ସମ୍ପର୍କରେ ଜାଣିବା ପାଇଁ ସବୁ ମହଲରୁ ଉତ୍କଣ୍ଠା ପ୍ରକାଶ ପାଇଛି। କାରଣ, ଆଜିର ପ୍ରଚାର ସର୍ବସ୍ୱ ରାଜନୀତିରେ ଓମ୍ ବିର୍ଲା ଏତେଟା ଚର୍ଚ୍ଚିତ କିମ୍ବା ପ୍ରଚାରିତ ରାଜନେତା ନୁହନ୍ତି। ତେବେ, ସଦ୍ୟ ସମାପ୍ତ ୨୦୧୯ ଲୋକସଭା ନିର୍ବାଚନରେ ଓମ୍ ବିର୍ଲା ରାଜସ୍ଥାନରେ କୋଟା-ବୁନ୍ଦି ଲୋକସଭା କ୍ଷେତ୍ରରୁ ବିଜେପି ସାଂସଦ

ରୂପେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ରାଜସ୍ଥାନ ବିଧାନସଭାକୁ ତିନିତିନି ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଗତ ୨୦୧୪ରେ ପ୍ରଥମ ଥର ପାଇଁ ଲୋକସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ନଭେମ୍ବର ୨୩, ୧୯୬୨ରେ ଜନ୍ମ ଗ୍ରହଣ କରିଥିବା ଓମ୍ ବିର୍ଲା ନିଜର ଛାତ୍ର ଜୀବନରୁ ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେପିର ଯୁବ ସ ଛାତ୍ର ସଂଗଠନ) ସହ ସଂପୃକ୍ତ ରହିବା ସହ ଛାତ୍ର ରାଜନୀତିରେ ବେଶ୍ ସକ୍ରିୟ ରହିଥିଲେ। ଏପରିକି ନିଜର ଦକ୍ଷତା ବଳରେ ସେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମଧ୍ୟ ହୋଇଥିଲେ। ଏହି ସମୟରେ ୨୦୦୩ ବିଧାନସଭା ନିର୍ବାଚନରେ ବିଜେପି ତାଙ୍କୁ ରାଜସ୍ଥାନର ସମ୍ମାନଜନକ କୋଟା ବିଧାନସଭା କ୍ଷେତ୍ରରୁ ଦଳୀୟ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବା ପାଇଁ ମନୋନୀତ କରିଥିଲା। ହେଲେ, ଏଥିପାଇଁ ଆଗ୍ରହୀ ନଥିବା ଓମ୍ ବିର୍ଲା ଦଳର ଏହି ପ୍ରସ୍ତାବରେ ରାଜି ନ ଥିଲେ। ହେଲେ, ପରବର୍ତୀ ସମୟରେ ଦଳୀୟ ବରିଷ୍ଠ ନେତାଙ୍କ ଚାପରେ ସେ ଏହି ଆସନରୁ ନିର୍ବାଚନ ଲଢ଼ିବା ସହ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲୋଟଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିବା କଂଗ୍ରେସର ବରିଷ୍ଠ ନେତା ଶାନ୍ତିଲାଲ ଧରୀୱାଲଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରିବା ସହ ଏଇଠାରୁ ହିଁ ଆରମ୍ଭ କରିଥିଲେ ନିଜର ରାଜନୈତିକ କ୍ୟାରିୟର ଏବଂ ଆଉ ପଛକୁ ଫେରି ଚାହିଁ ନଥିଲେ।

ଜିଦ୍‌ରେ ଅଟଳ ରହିଲେ ମମତା
ସର୍ବଦଳୀୟ ବୈଠକରେ ଯୋଗ ଦେବେନି

ନୂଆଦିଲ୍ଲୀ, ୧୮।୬: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୌଣସି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ନାହାନ୍ତି। କିଛି ଦିନ ତଳେ ଅନୁଷ୍ଠିତ ନୀତି ଆୟୋଗ ବୈଠକକୁ ବର୍ଜନ କରିଥିବା ମମତା କେନ୍ଦ୍ର ସରକାର ଡକାଇଥିବା ଆଉ ଏକ ବୈଠକରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ଆସନ୍ତା ୧୯ ତାରିଖରେ କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକକୁ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ଡକାଯାଇଛି। ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗ ଦେବେ ଓ ଗୋଟିଏ ଦେଶ- ଗୋଟିଏ ନିର୍ବାଚନ ସପକ୍ଷରେ ନିଜର ମତ ରଖିବେ। କିନ୍ତୁ ଏହି ବୈଠକରେ ଯୋଗ ଦେବାକୁ ମନା କରିଦେଇଛନ୍ତି ମମତା। ଏକ ପତ୍ର ଲେଖି ସେ କହିଛନ୍ତି ଯେ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତରବରିଆ ଭାବେ ବୈଠକ ଡାକିବା ଅପେକ୍ଷା ଏକ ଶ୍ୱେତପତ୍ର ଜାରି କରାଯାଉ। ବିଭିନ୍ନ ସମ୍ବିଧାନ ବିଶେଷଜ୍ଞ ଓ ନିର୍ବାଚନ ବିଶେଷଜ୍ଞଙ୍କ ମତାମତ ନିଆଯାଉ।

ବଢ଼ିଲା ସ୍କୁଲ୍ ଛୁଟି
ଜୁନ୍ ୨୬ରେ ଖୋଲିବ

ଭୁବନେଶ୍ୱର, ୧୮।୬ (ନି.ପ୍ର.): ବଦଳିଲା ନିଷ୍ପତ୍ତି। ଆସନ୍ତା କାଲି ନୁହେଁ ଜୁନ୍ ୨୬ରେ ଖୋଲିବ ସମସ୍ତ ସ୍କୁଲ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଦୀପ୍ତ ମହାପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ସ୍କୁଲଗୁଡିକର ଗ୍ରୀଷ୍ମ ଛୁଟି ଏକ ସପ୍ତାହ ବଢ଼ାଇଛନ୍ତି ଓ ଜୁନ୍ ୨୫ ତାରଖ ଯାଏଁ ଛୁଟି ବଢ଼ାଇଛନ୍ତି ବୋଲି ବିଭାଗୀୟ ସଚିବ ଘୋଷଣା କରିଛନ୍ତି।

ତେବେ ସ୍କୁଲଗୁଡିକର ଖରା ଛୁଟି ଅବଧି ବଢ଼ିବ ନାହିଁ ବୋଲି ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ ଓ ପୂର୍ବ ନିର୍ଦ୍ଧାରିତ ୧୯ ତାରିଖରେ ହିଁ ସ୍କୁଲ ଖୋଲୁଥିବା ନେଇ ଗଣଶିକ୍ଷା ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ। ଫଳରେ ସ୍କୁଲ ଖରାଛୁଟି ବଢ଼ିବା ନେଇ ହେଉଥିବା ଚର୍ଚ୍ଚାର ଅନ୍ତ ଘଟିଛି। ଉଲ୍ଲେଖନୀୟ ଏଇ କିଛି ଦିନ ହେବ ଜୁନ୍ ୨୫ ପର୍ଯ୍ୟନ୍ତ ସ୍କୁଲ ଛୁଟି ବଢ଼ିବା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ କ୍ଲିପିଂ ଘୁରି ବୁଲୁଥିଲା। ଗତ ସପ୍ତାହରେ ଏହା ଉପରେ ମନ୍ତବ୍ୟ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର କହିଥିଲେ ଯେ, ଖରାଛୁଟି ବଢ଼ିବା ଖବର ଗୁଜବ ଅଯେ। ଖରା ଛୁଟି ବଢ଼ିବ କି ନାହିଁ ସେ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

୧୪ ବର୍ଷ ପରେ ଆସିଲା ଅଯୋଧ୍ୟା ଆତଙ୍କବାଦୀ ଆକ୍ରମଣ ରାୟ
୪ ଜଣଙ୍କୁ ଆଜୀବନ ଜେଲ୍, ଜଣେ ଖଲାସ

ନୂଆଦିଲ୍ଲୀ, ୧୮।୬: ଅଯୋଧ୍ୟାରେ ଗତ ୨୦୦୫ ରେ ହୋଇଥିବା ବୋମା ବିସ୍ଫୋରଣ ମାମଲାରେ ଆଜି ଆହ୍ଲାବାଦର ଏକ ସ୍ୱତନ୍ତ୍ର କୋର୍ଟ ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ଜଣକୁ ଦୋଷମୁକ୍ତ କରିଛନ୍ତି। ଆଜୀବନ କାରାଦଣ୍ଡ ପାଇଥିବା ୪ ଜଣ ହେଲେ ଡ. ଇରଫାନ, ମହମ୍ମଦ ଶକୀଲ, ମହମ୍ମଦ ନସୀମ ଓ ଫାରୁକ। ସେହିପରି ମହମ୍ମଦ ଅଜିଜ ନିର୍ଦ୍ଦୋଷରେ ଖଲାସ ହୋଇଛି। ରାମଜନ୍ମଭୂମି ନିକଟରେ ହୋଇଥିବା ଏହି ବୋମା ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର କରିବା ଅପରାଧରେ ଏମାନଙ୍କୁ ସ୍ୱତନ୍ତ୍ର ଜଜ ଦିନେଶ ଚନ୍ଦ୍ର ଉପରୋକ୍ତ ଦଣ୍ଡ ଶୁଣାଇବା ସହ ୪୦ ହଜାର ଟଙ୍କା ଲେଖାଏଁ ଜରିମାନା ଲଗାଇଛନ୍ତି। ଏହି ମାମଲାରେ ମୋଟ ୬୩ ଜଣ ସାକ୍ଷୀ ଦେଇଥିଲେ ସେମାନଙ୍କ ମଧ୍ୟରେ ୧୫ ପୋଲିସ କର୍ମଚାରୀ ଥିଲେ। ସୁରକ୍ଷା କାରଣରୁ ପ୍ରୟାଗରାଜର ନୈନୀ ସ୍ୱତନ୍ତ୍ର ଜେଲରେ ଏକ ଅସ୍ଥାୟୀ କୋର୍ଟ ସ୍ଥାପନ କରାଯାଇଥିଲା। ଏହି ଅଭିଯୁକ୍ତମାନେ ୨୦୦୫ରେ ଅଯୋଧ୍ୟାରେ ଥିବା ରାମଜନ୍ମଭୂମି ପରିସରରେ ଗ୍ରେନେଡ ଫିଙ୍ଗି ଆକ୍ରମଣ କରିଥିଲେ।

ରାଜ୍ୟରେ ଲିଚୁର ସାମ୍ପଲ ଟେଷ୍ଟ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୬ (ନି.ପ୍ର.): ଲିଚୁ ଖାଇ ବିହାରରେ ଶତାଧିକ ଶିଶୁ ମୃତ୍ୟୁବରଣ କରୁଥିବା ଖବର ପ୍ରଚାର ପ୍ରସାର ହେବା ପରେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ବିପଦ ଆସିବା ପୂର୍ବରୁ ସଚେତନ ରହିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଭିନ୍ନ ମାର୍କେଟରୁ ଲିଚୁ ସାମ୍ପଲ ଆଣି ଟେଷ୍ଟ କରିବା ପାଇଁ ଖାଦ୍ୟ ସୁରକ୍ଷା କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

ସୂଚନାଯୋଗ୍ୟ, ବିହାରରେ ଏନସେଫାଲାଇଟଇସ୍ ଯୋଗୁଁ ଶତାଧିକ

ଶିଶୁ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ବିହାରର ଲିଚୁ ବହୁଳ ଅଞ୍ଚଳ ହୋଇଥିବା କାରଣରୁ ଏଠଶରେ ଲିଚୁ ଖାଇ ଏଭଳି ସ୍ଥିତି ଉପୁଜୁଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଫଳରେ ଲୋକାମନଙ୍କ ମଧ୍ୟରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି। ଲୋକମାନେ ଏବେ ବଜାରରୁ ଲିଚୁ କିଣିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏହି ଭୟକୁ ଦୂର କରିବା ପାଇଁ ରାଜ୍ୟର ବିଭିନ୍ନ ମାର୍କେଟ୍‌ରୁ ଲିଚୁର ସାମ୍ପଲ ଆଣି ଟେଷ୍ଟ କରିବା ପାଇଁ ଖାଦ୍ୟ ସୁରକ୍ଷା କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।

ମହାପ୍ରଭୁଙ୍କ ଅଣସର ଦର୍ଶନ ପାଇଁ ବ୍ରହ୍ମଗିରି ଚଳଚଞ୍ଚଳ

ବ୍ରହ୍ମଗିରି, ୧୮।୬ (ନି.ପ୍ର.): ମହାପ୍ରଭୁ ଶ୍ରୀମନ୍ଦିରରୁ ଅଣସର ପିଣ୍ଡିକୁ ବିଜେ କରିବା ପରେ ଆଜିଠାରୁ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ ହୋଇଛି। ଆଜିଠାରୁ ୧୪ ଦିନ ଧରି ଭକ୍ତମାନେ ଶ୍ରୀଜୀଉମାନଙ୍କ ଦର୍ଶନ ପାଇବେ ନାହିଁ। ପରମ୍ପରା ମୁତାବକ ସ୍ନାନଯାତ୍ରା ପରେ ମହାପ୍ରଭୁ ଅଣସର ଘରେ ରହିବା ଯାଏଁ ଶ୍ରଦ୍ଧାଳୁ ଭକ୍ତଗଣ ଶ୍ରୀ ଅଲାରନାଥଙ୍କ ଦର୍ଶନ କରି ପୂଣ୍ୟ ଲାଭ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ଅଣସର ଦର୍ଶନ ପାଇଁ ବ୍ରହ୍ମଗିରି ଚଳଚଞ୍ଚଳ ହୋଇଉଠିଛି ପବିତ୍ର ଦେବସ୍ଥାନ ପୂର୍ଣ୍ଣିମାରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲା ପରେ ବିଳମ୍ବିତ ରାତିରେ ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବା ପରେ ମଙ୍ଗଳବାରଠାରୁ ଶ୍ରୀଜୀଉ ଜ୍ୱରରେ ପୀଡିତ ହୋଇଛନ୍ତି। ମହାପ୍ରଭୁଙ୍କ ଅନୁପସ୍ଥିତିରେ ପଟିଦିଅଁମାନେ ଶ୍ରୀମନ୍ଦିରରେ ନୀତି ମୁତାବକ ପୂଜା ପାଇଥାନ୍ତି।

ଅଧିର ରଞ୍ଜନ ଚୌଧୁରୀ ହେଲେ ଲୋକସଭାରେ କଂଗ୍ରେସ ନେତା

କୋଲକତା : ଲଗାତର ପଂଚମ ଥର ପାଇଁ ସାଂସଦ ହୋଇଥିବା ଅଧର ରଞ୍ଜନ ଚୌଧୁରୀଙ୍କୁ ବୁଧବାର କଂଗ୍ରେସ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଭାବେ ନିଯୁକ୍ତି ଦେଇଛି। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ୟୁପିଏଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପସ୍ଥିତିରେ ମଙ୍ଗଳବାର ସକାଳେ ହୋଇଥିବା ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଲୋକସଭାକୁ ଏକ ପତ୍ର ଜରିଆରେ ଦଳ ପକ୍ଷରୁ ଅବଗତ କରାଯାଇଛି ଯେ ଅଧିର ରଞ୍ଜନ ଚୌଧୁରୀ କଂଗ୍ରେସର ଲୋକସଭା ନେତା ଭାବେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିବେ। ଚୌଧୁରୀ ହେଉଛନ୍ତି ଏକମାତ୍ର କଂଗ୍ରେସ ସାଂସଦ ଯିଏକି ୧୯୯୯ ମସିହାରୁ ପଶ୍ଚିମବଙ୍ଗର ବରହମପୁରରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଚୌଧୁରୀ ବର୍ତମାନ ପଶ୍ଚିମବଙ୍ଗର କଂଗ୍ରେସ କମିଟିର ଅଧ୍ୟକ୍ଷ ଅଛନ୍ତି। ରାଜ୍ୟରେ ୨୦୦୪ ମସିହାରେ କଂଗ୍ରେସ ୪୨ଟି ଲୋକସଭା ଆସନରୁ ମାତ୍ର ୪ ଟିରେ ବିଜୟ ଲାଭ କରିଥିଲା। ୨୦୧୯ ମସିହାରେ କେବଳ ଚୌଧୁରୀ ତାଙ୍କ ଆସନକୁ ସୁରକ୍ଷିତ ରଖିପାରିଛନ୍ତି। ଲୋକସଭାରେ କଂଗ୍ରେସ ନେତା ଥିବା ମଲ୍ଲିକାର୍ଜୁନ ଖଡଗେ ଏଥର ନିର୍ବାଚନରେ ହାରି ଯାଇଛନ୍ତି।

ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୮।୬ (ନି.ପ୍ର.): ରାଜ୍ୟସଭା ଉପନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶାର ୩ଟି ପଦବୀ ପାଇଁ ହେବାକୁ ଥିବା ଏହି ଉପନିର୍ବାଚନ ଲାଗି ପୃଥକ ପୃଥକ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆଶାୟୀ ପ୍ରାର୍ଥୀମାନେ ଜୁନ୍ ୨୫ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରିପାରିବେ। ମଙ୍ଗଳବାରଠାରୁ ପ୍ରାର୍ଥୀମାନଙ୍କ ନାମାଙ୍କନ ଦାଖଲ ଆରମ୍ଭ ହୋଇଛି। ଜୁଲାଇ ୫ରେ ନିର୍ବାଚନ ଅନୁଷ୍ଠିତ ହେପ। ରାଜ୍ୟ ବିଧାନସଭାର ସଂଖ୍ୟା ଦୃଷ୍ଟିକୁ ୩ଟି ଯାକ ଆସନ ବିଜେଡ଼ି ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ହେଲେ ଏ ପର୍ଯ୍ୟନ୍ତ ବିଜେଡ଼ି କେଉଁ ୩ ଚେହେରାଙ୍କୁ ରାଜ୍ୟସଭା ପଠାଇବ ସେ ନେଇ ସ୍ପଷ୍ଟ କରିନାହିଁ। ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଦଳ ମୁଖିଆଙ୍କ ପାଇଁ ପାର୍ଥୀ ଚୟନ କାଠିକର ପାଠ ହେଉଛି ବୋଲି ଚର୍ଚ୍ଚା ଜୋର ଧରିଛି।

ଡାହୁକ

ଭାଉ ଖାଇବାକୁ ବାହାପିଆ କଥା
ଲୋକଙ୍କୁ ଦେଖେଇ ହୋଇ
ଯେମିତିକା ମୋଦି ସେମିତି ନବୀନ
କଅମ ନୁହଁନ୍ତି କେହି
ଜେଟେଁ ଜେଝାଁଙ୍କ ସ୍ୱାର୍ଥରେ ବାଇ
ଆଙ୍କୁନେଇ ରାଜ୍ୟ ଦେଶର ଅବସ୍ଥା
କେବେ ସୁଧରିବ ନାହିଁ।

-ବିଧୂ

ଦେଢ଼ କିଲୋରୁ ଊର୍ଦ୍ଧ୍ୱ ହେରୋଇନ ଜବତ: ୪ ଗିରଫ

ବାଲେଶ୍ୱର, ୧୮।୬ (ନି.ପ୍ର): ୧୭ ତାରିଖ ରାତି ପ୍ରାୟ ୧୦.୪୫ ମିନିଟ ସମୟରେ ବାଲେଶ୍ୱର ରେଳ ଷ୍ଟେସନରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଓଡି-୦୧ ଡବ୍ଲ୍ୟୁ ୭୯୯୫ ନମ୍ବର ବିଶିଷ୍ଟ ଏକ ହୁଣ୍ଡାଇ ଆଇ-୨୦ କାର୍ ହରିପୁରର ଫୁଲାଡ଼ି ରୋଡ଼ର ପଚାଛକ ନିଟକରେ ପିସିଆର ମୋବାଇଲ ଭ୍ୟାନ୍‌କୁ ଦେଖଇ ଦ୍ରୁତ ଗତିରେ ପଳାଇଯାଉଥିବା ବେଳେ ପୋଲିସ୍ କାର୍‌କୁ ପିଛା କରି ଦହପଡ଼ା ନିକଟକୁ ଜବତ କରିଚି। ଏହି କାର୍‌ରେ ୧ କିଲୋ ୬୫୫ ଗ୍ରାମ ଓଜନର ହେରୋଇନ ଜବତ କରାଯାଇଛି। ଏହା ସହିତ ୪ଜଣ ଆଶାମୀଙ୍କ ନିକଟରୁ ମୋଟ ୬୪ ହଜାର ଟଙ୍କା ଏବଂ ୫ଟି ମୋବାଇଲ ଫୋନ୍ ଜବତ କରଯାଇଛି। କାର୍‌ରେ ଅରଡ଼ବଜାର ମସଜିଦ୍ ଗଲିର ନିବାସୀ ଶେଖ୍ ଜାମସେଦ ଅଲ୍ଲା, ତାଙ୍କ ପୁଅ ଶେଖ୍ ରାଜୁ, ଶେଖ୍ ହୁସେନ ଏବଂ ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ଶେଖ୍ ମହୀନଙ୍କ ପୁଅ ଶେଖ୍ ମୋକସେଦ ଉପସ୍ଥିତ ଥିବାରୁ ସେମାନଙ୍କୁ ଗିରଫ କରଯାଇଛି।

ମଙ୍ଗଳବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର ଏକ ସାମ୍ବାଦିକ ସମ୍ମିଳନୀରେ ଏସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରି କହିଥିଲେ କି, ବାଲେଶ୍ୱରରୁ ଏହି ବିପୁଳ ପରିମାଣର ଉତ୍କଟ ମାଦକ ଦ୍ରବ୍ୟ ଜଳେଶ୍ୱର ଚାଲାଣ ହେଉଥିଲା। ସହଦେବଖୁଂଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଘଟଣାର ତଦନ୍ତ କରୁଛନ୍ତି। ଗତ ୧୭ ତାରିଖ ରାତିରେ ପୋଲିସ ଏସଆଇ ବିରଂଚି ସାହୁ ଏବଂ ସବ ଇନିସପେକ୍ଟର ନୀଳମଣି ନାୟକ ନିଜର ପୋଲିସ୍ କର୍ମଚାରୀଙ୍କ ସହ ପଚା ଛକରେ ରାତ୍ରକାଳୀନ ପାଟ୍ରୋଲିଙ୍ଗ କରୁଥିବା ବେଳେ ଉକ୍ତ ହୁଣ୍ଡାଇ କାର୍ ପୋଲିସ୍ ଗାଡ଼ି ଦେଖି ଦ୍ରୁତ ଗତିରେ ପଳାଇବାକୁ ଉଦ୍ୟମ କରିବାରୁ ପୋଲିସ୍ କର୍ମଚାରୀମାନେ ସନ୍ଦେହ କରି କାଡ଼ିକୁ ପିଛା କରିଥିଲେ। ଜବତ ହୋଇଥିବା ହେରୋଇନର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ୧ କୋଟି ୮୦ ଲକ୍ଷ ଟଙ୍କା ହେବ। ପୋଲିସ୍ ଉକ୍ତ ମାଦକ ଦ୍ରବ୍ୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଜବତ କରି ୧୬୫ ନଂ ଏତଲା ମୂଳେ ୨୧(ସି) ଏନଡିପିଏସ ଆଇନ ବଳରେ ୪ ଜଣ ଆଶମୀଙ୍କୁ ଗିରଫ କରିଛି। ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ। ପୂର୍ବରୁ ସେମାନଙ୍କ ବିରୋଧରେ କୌଣସି ଅପରାଧୀକ ମାମଲା ନଥିଲା। ତେବେ ଏତେ ବିପୁଳ ପରିମାଣର ହେରୋଇନ୍ କେଉଁଠୁ ସେମାନେ ଆଣିଥିଲେ ଓ କାହାକୁ ବିକ୍ରି କରଯାଇଥାଆନ୍ତା ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ଏସପି ବି. ଯୁଗଳ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୭ ମସିହାରେ ପୋଲିସ୍ ୧.୨ ଶହ କିଲୋଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏହି ଆଶମୀମାନେ ମାଛ ବ୍ୟବସାୟ ଆଳରେ ମାଦକ ଦ୍ରବ୍ୟର ବେପାର କରିଆସୁଥିଲେ ବୋଲି ସେ ସୂଚନା ଦେଇଛନ୍ତି।

ବିଦା ହେଲେ ଆଉ ୧୫ କଷ୍ଟମ୍‌ସ ଅଧିକାରୀ

ନୂଆଦିଲ୍ଲୀ, ୧୮।୬: କେନ୍ଦ୍ର ସରକାର ଦୁର୍ନୀତିଗ୍ରସ୍ତ ସରକାରୀ ବାବୁମାନଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି। ଗତ ୧୦ ତାରିଖରେ ୧୨ ଜଣ ବରିଷ୍ଠ ଆୟକର ଅଧିକାରୀଙ୍କୁ ବହିଷ୍କାର କରିବା ପରେ ଆଜି ସମାନ ଧରଣର ଏକ ପଦକ୍ଷେପ ନିଆଯାଇ ଆଉ ୧୫ ଅଧିକାରୀଙ୍କୁ ବିଦା କରାଯାଇଛି। ଏମାନେ ସମସ୍ତେ କଷ୍ଟମ୍ସ (ସୀମା ଶୁଳକ) ବିଭାଗରେ କାମ କରୁଥିଲେ। ଏମାନଙ୍କ ମଧ୍ୟରେ ପ୍ରିନ୍ସିପାଲ କମିଶନର, କମିଶନର, ଆଡିସନାଲ କମିଶନର ଓ ହେପୁଟି କମିଶନର ପାହ୍ୟାର ଅଧିକାରୀ ଅଛନ୍ତି। ଏମାନଙ୍କୁ କେନ୍ଦ୍ରୀୟ ସରକାରୀ ସେବାର ସାଧାରଣ ଆର୍ଥିକ ନିୟମର ଧାରା ୫୬ (ଜେ) ଅନୁସାରେ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଗତ ୧୦ ତାରିଖରେ କେନ୍ଦ୍ର ସରକାର ୧୨ ଜ

ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

୨ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା

କେନ୍ଦ୍ରାପଡା,୧୮/୬(ନିପ୍ର): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନରେ କେନ୍ଦ୍ରାପଡା ଗସ୍ତରେ ଆସି ତୁଳସୀ କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ । ୫ମ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱରରୁ ହେଲିକେପ୍ଟର ଯୋଗେ କେନ୍ଦ୍ରାପଡା ଆସି ମାଉସୀ ମା' ମନ୍ଦିର ନିକଟରେ ଅସ୍ଥାଇ ଭାବେ ନିର୍ମିତ ହେଲିପ୍ୟାଡରେ ପହଁଚିବା ପରେ ସେଠାରୁ ଏକ କାର ଯୋଗେ ମନ୍ଦିର ନିକଟକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ସେଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଶାନ୍ତ ସିଂହ, ରଘୁନନ୍ଦନ ଦାଶ, ସମୀର ରଞ୍ଜନ ଦାସ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାଂସଦ ଅନୁଭବ ମହାନ୍ତି, ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ

ବିଧାୟିକା ଡଃ.ସିପ୍ରା ମଲ୍ଲିକ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ପ୍ରଶାନ୍ତ ଜଗଦେବ, ଲତିକା ପ୍ରଧାନ, ଶ୍ରୀମୟୀ ମିଶ୍ର, ସଞ୍ଜୟ ଦାସବର୍ମା, କସ୍ତୁରୀ ମହାପାତ୍ର, ଅମରେଶ ପତ୍ରୀ ପ୍ରମୁଖ ହେଲିପ୍ୟାଡରେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚୀବ ଭି.କାର୍ତ୍ତିକେୟନ ପାଣ୍ଡିୟାନ,ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାଷ ସିଂ,ସାଂସଦ ଶ୍ରୀ ମହାନ୍ତି ଓ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସହିତ ମନ୍ଦିର ସଂହଦ୍ୱାର ନିକଟରୁ ଚାଲି ଚାଲି ଯାଇ ସ୍ନାନ ମଣ୍ଡପରେ ବିରାଜମାନ କରିଥିବା କେନ୍ଦ୍ରାପଡାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉ,ଭାଇ ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ । ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଗତସିଂହପୁର ଏସପି ସୁଧା ସିଂ, କେନ୍ଦ୍ରାପଡାର ଅତିରିକ୍ତ ଏସପି ଅରୁଣ କୁମାର ଜେନା, ଗଞ୍ଜାମର ଅତିରିକ୍ତ ଏସପି ଶାନ୍ତନୁ ଦାଶ, ଡିଏସପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ,ଟାଉନ ଥାନା ଅଧିକାରୀ ଦେବାଶିଷ ମିଶ୍ର ପ୍ରମୁଖ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ଥିଲେ । ବଳଦେବଜୀଉ ଦେବୋତ୍ତର ସଂସ୍ଥା ପକ୍ଷରୁ ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ସଞ୍ଜୟ କୁମାର ମିଶ୍ର, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ରଞ୍ଜନ କୁମାର ପୃଷ୍ଟି, ଯଯାତୀ କେଶରୀ ମହାନ୍ତି, ଧିରେନ ସାହୁ ଓ ସେବାୟତ ବଳରାମ ସୁଆର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀଜୀଉଙ୍କ ସଂହଦ୍ୱାର ନିକଟରେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ୨କୋଟି ଟଙ୍କାର ମଞ୍ଜୁର ହୋଇଥିବା ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ । ସେହି ପ୍ରକଳ୍ପ ଗୁଡିକ ମଧ୍ୟରେ ଶ୍ରୀଜୀଉଙ୍କ ଝୁଲଣ ମଣ୍ଡପର ପୁନରୁଦ୍ଧାର, ସାଆନ୍ତସାହି ଠାରେ ଶ୍ରୀବଳଦେବଜୀଉଙ୍କ କଲ୍ୟାଣ ମଣ୍ଡପ ନିର୍ମାଣ, ମନ୍ଦିରର ଉତ୍ତର ପାର୍ଶ୍ୱରେ ପାଚେରୀ ନିର୍ମାଣ, ବିବାହ ମଣ୍ଡପ ନିକଟରେ ଶୌଚାଳୟ ନିର୍ମାଣ, ଗଭୀର ନଳକୂପ ନିର୍ମାଣ ଓ ଓଭରହେଡ ଟାଙ୍କି ଜରିଆରେ ୨୪ଘଂଟିଆ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ । ମନ୍ଦିର ବାହାରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲର ସାଧାରଣ ସମ୍ପାଦକ ସେକ ଅବଦୁଲ୍ଲା, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ(ଚନ୍ଦନ), ସେକ ମଠୁ, ଯୁବ ସଂଖ୍ୟାଲଘୁ ସେଲ ସଭାପତି ମୀର ମହମ୍ମଦ ଅମୀର, କାଳି ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ପଛରେ ପାଟକୁରା ଆସନ ହାତେଇବାକୁ ଯୋଜନା ବୋଲି ରାଜନୀତି ବିଷାରଦମାନେ ମତ ଦେଇଛନ୍ତି ।

ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଜୀଉଙ୍କ ବାର୍ଷିକୋତ୍ସବ

ଭଦ୍ରକ,୧୮।୬(ନିପ୍ର): କୁଆଁସ କଦମ୍ବବେଡା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଜୀଉ ମନ୍ଦିରର ୭ ଦିନ ବ୍ୟାପି ବାର୍ଷିକୋତ୍ସବ ଆରମ୍ଭ ହୋଇଯାଇଛି । ସଂକ୍ରାନ୍ତି ଦିନ ଜୀବନ୍ୟାସ, ପୂଜାର୍ଚ୍ଚନା ସଂଗେସଂଗେ ୨୦ ଜଣ ବ୍ରାହ୍ମଣ ନିମନ୍ତ୍ରୀତ ହୋଇ ସଂପୂର୍ଣ୍ଣ ଭାଗବତ ପାରାୟଣ ଆରମ୍ଭ କରି ସଂପୂର୍ଣ୍ଣ କରିଥିଲେ ।ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରାଯିବା ସହିତ ଷଷ୍ଠ ଦିନରେ ଠାକୁରଙ୍କ ମହାପ୍ରସାଦ ସେବନ ସହ ଏବଂ ସପ୍ତମ ଦିବସରେ ଠାକୁର ଜଳାଶାୟୀ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର ସଂପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକ ପ୍ରକାଶ କରିଛନ୍ତି । ଏହି ସାତଦିନରେ ଜିଲ୍ଲାର କୋଣ ଅନୁକୋଣରୁ ଆବାଳବୃଦ୍ଧବନିତା ହଜାରହଜାର ସଂଖ୍ୟାରେ ଉପସ୍ଥିତ ରହି ପ୍ରଭୁଙ୍କ ଆଶିର୍ବାଦ ଭିକ୍ଷା କରିଥାନ୍ତି । । ଭଦ୍ରକ ଜିଲ୍ଲାର ଏହା ଏକ ପୁରାତନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ । କମିଟିର ସଭାପତି ବାଇଧର ବେହେରା ,ସଂପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକ, ଉପସଭାପତି ରବୀନ୍ଦ୍ର ପ୍ରସାଦ ବାରିକ , ଚିଦାନନ୍ଦ ବାରିକ,ଅନନ୍ତ ବାରିକ ,ସଂସ୍କୃତିକ ସଂପାଦକ ତଥା ଆବାହକ ରବି ନାରାୟଣ ଖିଲାର ,ସୁରଜିତ ପାଲ,ରଣା ବାବୁ ,ଭୀମ ମାହଲ ,ଜୟଚନ୍ଦ୍ର ପୃଷ୍ଟି ପ୍ରମୁଖ ଗ୍ରାମବାସୀ ଓ କମିଟିର କର୍ମକର୍ତ୍ତାମାନଙ୍କ ତତ୍ତ୍ୱାବଧାନରେ ୭ ଦିନ ବ୍ୟାପୀ ଏହି ପୂଜାର୍ଚ୍ଚନା ଚାଲୁରହିବ ।

ସାମ୍ବାଦିକ ରମେଶ ସମ୍ବର୍ଦ୍ଧିତ

ଭଦ୍ରକ,୧୮।୬(ନିପ୍ର): ଭଦ୍ରକ ପୌରାଞ୍ଚଳ ଅନ୍ତର୍ଗତ ୧,୨, ଓ ୩ନମ୍ବର ୱାର୍ଡ ବରାଳପୋଖରୀ ବିଜୁ ଯୁବବାହିନୀ ଓ ରଜ ଉତ୍ସବ କମିଟି ଆନୁକୂଲ୍ୟରେ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ଶେଷ ରଜ ଦିନ ଉଦଯାପିତ ହୋଇଯାଇଅଛି । ୧ନମ୍ବର ୱାର୍ଡର ପ୍ରାକ୍ତନ କାଉନସିଲର ଗୋପିନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଂନ୍ଧ୍ୟରେ ୨ନମ୍ବର ୱାର୍ଡର ପ୍ରାକ୍ତନ କାଉନସିଲର ରଞ୍ଜନ ଜେନା ମୁଖ୍ୟ ଅତିଥି, ଚରମ୍ପା ସମିତି ସଭ୍ୟ ସମାଜସେବୀ ରମେଶ ବେହେରା, ତିନି ନମ୍ବର ୱାର୍ଡର ପ୍ରାକ୍ତନ କାଉନସିଲର ଖଗେଶ୍ୱର ବାରିକ ସମ୍ମାନୀତ ଅତିଥି, ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଜିଲ୍ଲା ଉପସଭାପତି ସାମ୍ବାଦିକ ସୁଧାକର ଦାଶ ମୁଖ୍ୟବକ୍ତା, ଜିଲ୍ଲା ଆଇନ ସେବା ସଂଯୋଜିକା ଅଣ୍ଣପୂର୍ଣ୍ଣା ସାହୁ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ବରାଳପୋଖରୀ ହନୁମାନ ହାଟଠାରେ ଅନୁଷ୍ଠିତ ଏହି ଉତ୍ସବ ସମାରୋହରେ ଧିରେ ଧିରେ ପ୍ରାଚୀନ ପରମ୍ପରା ଓ ସଭ୍ୟତା ଲୋପ ପାଉଥିବା

ବେଳେ 'ମାଟି ମା'ର ପର୍ବ ତଥା ଓଡିଶାର ଗଣପର୍ବ ରଜପର୍ବ ସମ୍ପର୍କରେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସମାଜର ବିଭିନ୍ନ ବର୍ଗରେ ଉନ୍ନତି ମୂଳକ ସେବା ପାଇଁ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ସଂଗ୍ରାହକ ରବିନ୍ଦ୍ର ମହାନ୍ତି, ବରିଷ୍ଠ ଜିଲ୍ଲା ସାମ୍ବାଦିକ ରମେଶ ଚନ୍ଦ୍ର ପାଗଳ, ଫେଣ୍ଡସ୍ ଗ୍ରୁପର ସଭାପତି ସାମ୍ବାଦିକ ରଶ୍ମିରଂଜନ ସାହୁଙ୍କୁ କମିଟି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ନିରାକାର ଜେନାଙ୍କ ଅସୁସ୍ଥତା ବଶତଃ ଅନୁପସ୍ଥିତ ହେତୁ ତାଙ୍କ ସୁପୁତ୍ର ରଂଜନ ଜେନା ମାନପତ୍ର ଗ୍ରହଣ କରିଥିଲେ । ଶେଷରେ ତିନିଦିନ ଧରି ଚାଲିଥିବା ନୃତ୍ୟ, ଗୀତ, ଖେଳ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଭା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ସର୍ବଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମାନେ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୁ ଯବୁବାହିନୀର ସଭାପତି ଅସିତ୍ କୁମାର ମହାପାତ୍ର, ସମ୍ପାଦକ ରଶ୍ମିରଂଜନ ସାହୁ ଓ ଅନ୍ୟ ସଭ୍ୟମାନେ ପରିଚାଳନା କରିଥିଲେ ।

ଆର ପାରିରେ ଓଡିଆ ଯବାନ ଅଜିତ କୁମାର ସାହୁ

ସ୍ୱତନ୍ତ୍ର ପ୍ଲେନ୍ ଯୋଗେ ଆସିବ ମର ଶରୀର

କାମାକ୍ଷାନଗର,୧୮/୬(ନିପ୍ର): ପୁଅ ପାଇଁ ମାଆ ଆଜି ଏଠି ବାହୁନି ବାହୁନି କାନ୍ଦୁଛି । କିନ୍ତୁ ସେହି ମାଆର ସେବା ପାଇଁ ଆତଙ୍କବାଦୀ ହମ୍ଲାରେ ମୃତ୍ୟୁ ବରଣ କରିଛି ଓଡିଆ ଯବାନ୍ । ଜାମ୍ମୁର ଅନନ୍ତନାଗ ଠାରେ ସୋମବାର ଦିନ ହୋଇଥିବା ଆତଙ୍କବାଦୀ ଆଇଡି ବିସ୍ଫୋରଣରେ ସହୀଦ ହୋଇ ଯାଇଛନ୍ତି ଓଡିଆ ଯବାନ ଅଜିତ୍ କୁମାର ସାହୁ । ଅଜିତ୍‌ଙ୍କ ଘର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବଡସୁଆଁଳ ଗ୍ରାମରେ । ବାପା ସନ୍ତୋଷ ସାହୁ ଓ ମାଆ ଲିଲି ସାହୁଙ୍କ ସାନ ପୁଅ ଥିଲେ ୨୭ ବର୍ଷୀୟ ଅଜିତ୍ । ବଡସୁଆଁଳ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ ପରେ ଉଚ୍ଚ ଶିକ୍ଷା ପାଇଁ ମଠକରଗୋଳା କଲେଜରେ ଗ୍ରାଜୁଏସନ୍ ପାସ୍ କରିଥିଲେ ଅଜିତ୍ । ୨୦୧୫ ପ୍ରଥମେ ବାଙ୍ଗାଲୋରରେ ଭାରତୀୟ ସେନାରେ ଯୋଗଦାନ କରିଥିଲେ । ଦେଢ ବର୍ଷ ପରେ କୋଲକାତାକୁ ଟ୍ରାନ୍ସଫର ହୋଇଥିଲେ ।

ବାହୁନି ବାହୁନି କାନ୍ଦୁଛି ଦୁଃଖିନୀ ମାଆ

ଏବଂ ଜୁନ ମାସ ୨୦୧୯ରେ କୋଲକାତାରୁ ଜାମ୍ମୁକୁ ଟ୍ରାନ୍ସଫର ହୋଇ ଯାଉଥିବା ବେଳେ ଆତଙ୍କବାଦୀ ହମ୍ଲାରେ ସହୀଦ୍ ହୋଇଛନ୍ତି ଅଜିତ୍ । ଶେଷଥର ପାଇଁ ସେ ଜୁନ୍ ମାସ ୧ ତାରିଖ ଦିନ ବଡସୁଆଁଳ ଗ୍ରାମକୁ ଆସି ୯ ତାରିଖ ଦିନ ଚାଲି ଯାଇଥିଲେ । ତାଙ୍କର ମୃତ୍ୟୁରେ ସମଗ୍ର ଗ୍ରାମ ସ୍ତବ୍ଧ ହୋଇଯାଇଛି । ତେବେ ସୂଚନା ମୁତାବକ ଅଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ଅନନ୍ତନାଗ ନିକଟରେ ଥିବା ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ଏବଂ ରାତି ପ୍ରାୟ ୨.୪୦ ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ଯାହାକୁ ନେଇ ମଙ୍ଗଳବାର ଦିନ ସକାଳ ସାଢେ ୭ଟା ବେଳେ ଅଜିତ୍‌ଙ୍କ ବାପା ସନ୍ତୋଷ ସାହୁଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା । ଖବର ପାଇ ଅଜିତ୍‌ଙ୍କ ବଡଭାଇ ଆଲୋକ ଓ ସାନ ଭଉଣୀ ମାମାଙ୍କ ସହିତ ପରିବାର ଲୋକ ସମ୍ପୂର୍ଣ୍ଣ ରୁପେ ଭାଙ୍ଗୀ ପଡିଥିବା ଦେଖିବାକୁ ମିଳିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଅଜିତ୍ ତାଙ୍କ ଫେସବୁକ୍ ସାଇଡ୍‌ରେ ଜୁନ ମାସ ୧୬ ତାରିଖ ଦିନ ପୋଷ୍ଟ କରିଥିଲେ ଯେ ଦେଶ୍ ପାଇଁ ଜୀନା, ଦେଶ୍ ପାଇଁ ମରନା । ତେବେ ଏହି ମୃତ୍ୟୁରେ ସମଗ୍ର ଗ୍ରାମବାସୀ ମ୍ରିୟମାଣ ହୋଇ ପଡିଛନ୍ତି । ଏ ବିଷୟରେ ଢେଙ୍କାନାଳ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ , ଅଜିତ୍‌ଙ୍କ ମରଶରୀର ପ୍ରଥମେ ଭୁବନେଶ୍ୱରରେ ପହଁଚିଲା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଇ କାମାକ୍ଷାନଗର ବଡସୁଆଁଳ ସ୍ଥିତ ଗ୍ରାମକୁ ନିଆଯିବ ଏବଂ ମଙ୍ଗଳବାର ଦିନ ରାତିରେ ତାଙ୍କର ମୃତଦେହ ପହଂଚିବାର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଜିଲ୍ଲାପାଳ ।

ରାଜନଗର ତହସିଲ ଅମିନ ଦୁର୍ଘଟଣାରେ ଆହତ

ରାଜନଗର,୧୮।୬(ନିପ୍ର): ରାଜନଗର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଚନ୍ଦନନଗର (ବାଲିଆ) ନିକଟରେ ସ୍ତୁଟି ସହିତ ବସ ଧକ୍କା ଦେବାରୁ ଜଣେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ରାଜନଗର ତହସିଲର ଅମିନ ପଦ୍ମଚରଣ ରାଉତ ନିଜ ଘର ରାଜକନିକା ବ୍ଲକର ନମତରାରୁ ନିଜର ସ୍ତୁଟି ଯୋଗେ ରାଜନଗରକୁ ଆସୁଥିଲେ । ବାଲିଆ ନିକଟରେ ରାଜନଗରରୁ କଟକ ଯାଉଥିବା ଜୟା ବସ ତାଙ୍କୁ ଧକ୍କା ଦେଇଥିଲା । ସେ ତାଙ୍କର ସ୍ତୁଟି ସହ ରାସ୍ତା କଡକୁ ଗଡି ପଡିଥିଲେ । ତାଙ୍କ ଛାତି ଓ ହାତ, ଗୋଡରେ ଆଘାତ ଲାଗିଥିଲା । ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିହୋଇଥିଲେ । ତାଙ୍କ ଛାତିରେ ମାଡ ହୋଇଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ରାଜନଗର ତହସିଲଦାର ଦିବ୍ୟନ୍ଦୁ ଦାସ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚିଥିଲେ ।

ଚୂନଢିଅରେ ରାସ୍ତା ଦୁର୍ଘଟଣା : ୨ ମୃତ

ପଟ୍ଟାମୁଣ୍ଡାଇ,୧୮।୬(ନିପ୍ର): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଚୂନଢିଅ ଠାରେ ଆଜି ରାତି ୮.୩୦ମି. ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଘଟଣାସ୍ଥଳରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ ଗାଙ୍ଗପଡା ଗ୍ରାମର ରଞ୍ଜନ ବାରିକ (୩୧) ଓ କ୍ଷୀରୋଦ ବେହେରା (୨୯) ବାଇକ ଯୋଗେ ପଟ୍ଟାମୁଣ୍ଡାଇ ବଜାରକୁ ଆସୁଥିବାବେଳେ ସାମ୍ନା ପଟରୁ ଏକ ହାଇୱା ମୁହାଁମୁହିଁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ପୋଲିସ ଏ ସଂପର୍କରେ ଏକ ମୋକଦ୍ଦମା ରୁଜୁ କରି ସମୁଦାୟ ଘଟଣାର ତଦନ୍ତ ଚଳାଇଛି ।

ଶକ୍ତି ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା

ସାଉଥବଲଣ୍ଡା,୧୮/୬(ନିପ୍ର): ତାଳଚେର ସାଉଥବଲଣ୍ଡା ସ୍ଥିତ ସେଣ୍ଟ୍ରାଲ ୱାର୍କସପ୍ କୋଲନୀ ପରିସରରେ ଥିବା ଶକ୍ତି ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସକାଳ ପାଞ୍ଚଟା ବେଳେ ତିନି ଦିଅଁଙ୍କ ମଙ୍ଗଳ ଆରତୀ,ସୂର୍ଯ୍ୟପୂଜା ପ୍ରଭୃତି ନୀତିକାନ୍ତି ସଂପନ୍ନ କରାଯାଇଥିଲା । ସକାଳ ୮.୨୦ ମିନିଟରେ ରତ୍ନ ସିଂହାସନରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେବାୟତମାନେ ଧାଡି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ । ପାରଂପରିକ ରୀତିନୀତିରେ ଷୋଡଶ ଉପଚାର ପୂଜା କରାଯାଇ ୧୦୮ ସୁବାସିତ ଜଳରେ ସକାଳ ୯.୨୫ମିନିଟରେ ଶ୍ରୀଜିଉଙ୍କୁ ସ୍ନାନ କରାଯାଇଥିଲା । ଭକ୍ତମାନଙ୍କର ହରିବୋଲ,ହୁଳହୁଳି ଶବ୍ଦରେ ସମଗ୍ର ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଅପରାହ୍ନ ୩.୨୦ମିନିଟରେ ଶ୍ରୀଜିଉଙ୍କୁ ଗଜାନନ

ବେଶରେ ସଜ୍ଜିତ କରାଯାଇଥିଲା । ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶକୁ ଆଖପାଖ ଅଂଚଳର ଶହଶହ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ସନ୍ଧ୍ୟା ଆଳତୀ,ସାହାଣମେଲା ନୀତି ପରେ ରାତ୍ରୀ ୯.୩୦ ମି. ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ଅଣସର ଗୃହକୁ ବିଜେ କରାଯାଇଥିଲା । ଏହି ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କ ସହ ବହୁ ଶ୍ରମିକ ନେତା,କର୍ମଚାରୀ ସହଯୋଗ କରିଥିଲେ । ସେହିପରି ଏଫ୍‌ସିଆଇ, କଳମଛୁଇଁ, ସାଉଥବଲଣ୍ଡାସ୍ଥିତ ଗେହ୍ଲା ଜଗନ୍ନାଥ ମନ୍ଦିର, ଗୋପାଳପ୍ରସାଦରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ସମାରୋହରେ ପାଳିତ ହୋଇଯାଇଛି ।

ସର୍ବଭାରତୀୟ ସୈନିକସ୍କୁଲ ଶିକ୍ଷକ କର୍ମଶାଳା -୨୦୧୯

ଭୁବନେଶ୍ୱର,୧୮।୬(ନିପ୍ର): ଓଡିଶାର ଗଣଶିକ୍ଷା ମନ୍ତ୍ରୀ ମାନ୍ୟବର ଶ୍ରୀ ସମୀର ରଂଜନ ଦାଶ ଚଳିତ ୧୭ ଜୁନ ୨୦୧୯ ତାରିଖରେ ସୈନିକସ୍କୁଲ ଭୁବବନେଶ୍ୱର ଠାରେ ଅନୁଷ୍ଠିତ ସର୍ବଭାରତୀୟ ସୈନିକସ୍କୁ



'ବ୍ଲୁ ଫ୍ଲାଗ୍' ବିଚ୍‌ର ମାନ୍ୟତା ହରାଇଲା ଚନ୍ଦ୍ରଭାଗା

କୋଣାର୍କ, ୧୮।୬ (ନି.ପ୍ର) : ୨୦୧୮ ମସିହାରେ ଓଡିଶା ସରକାର ଚନ୍ଦ୍ରଭାଗା ବେଳାଭୂମିକୁ ପାଇଲଟ୍ ପ୍ରେଜେକ୍ଟ ମାଧ୍ୟମରେ ବ୍ଲୁ ଫ୍ଲାଗ ବିଚ୍ ରୂପେ ମନୋନୀତ ଦେଇଥିବା ବେଳେ ଏବେ କୁଆଡେ ଏହି ବେଳାଭୂମି ବ୍ଲୁ ଫ୍ଲାଗ ବିଚ ପାଇଁ ଅନୁପଯୋଗୀ ଦର୍ଶାଇ ପୁରୀକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡିଛି । ଏଠାରେ ସୂଚନା ଥାଉକି କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଉପକୂଳ ପରିଚାଳନା ସଂସ୍ଥା(ସିକମ୍) ଆନୁକୂଲ୍ୟରେ ଚନ୍ଦ୍ରଭାଗା ବେଳାଭୂମିକୁ ବ୍ଲୁ ଫ୍ଲାଗ ମାନ୍ୟତା ପ୍ରଦାନ ଉଦ୍ଦେଶ୍ୟରେ ୨୦୧୮ ମସିହା ଜୁନ ମାସ ୩ତାରିଖରେ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓଡିଶା ସରକାରଙ୍କ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍, ସମନ୍ୱିତ ଉପକୂଳ ଜୋନ୍ ପରିଚାଳନା ପ୍ରକଳ୍ପ ଓ କୋଣାର୍କ ଏନ୍‌ଏସିର ସହଯୋଗରେ ସିକମ୍ କେନ୍ଦ୍ର ସରକାରଙ୍କ ବିମ୍‌ସ(ବିଚ୍ ମ୍ୟାନେଜଣ୍ଟେ ସର୍ଭିସ) ଯୋଜନାରେ ଚନ୍ଦ୍ରଭାଗା ବେଳାଭୂମିକୁ ପ୍ରଦୂଷଣ ମୁକ୍ତ ଏବଂ ପରିବେଶ ଉପଯୋଗୀ ପର୍ଯ୍ୟଟନ (ଇକୋ ଟୁରିଜିମ) କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ଏଥିପାଇଁ ୨୦୧୮ ମସିହା ଜୁନ ମାସ ୩ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ବଜାରଠାରୁ ରାମଚଣ୍ଡୀ ଆଡକୁ ଏକ କିଲୋମିଟର ଦୂରତ୍ୱ ପରିମିତ ବେଳାଭୂମି ଅଞ୍ଚଳକୁ ସଫା କରାଯିବାସହିତ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନଙ୍କୁ ନେଇ ବ୍ଲୁ ଫ୍ଲାଗ ବିଚ୍‌ର ମାନଦଣ୍ଡ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକୁ ତୋରାନିତ୍ୱ କରିବା ପାଇଁ ୨୦୧୮ ମସିହା ସେପ୍ଟମ୍ବର ମାସ ୫ ତାରିଖରେ ରାମଚଣ୍ଡୀ ସ୍ଥିତ ଲୋଟସ ରିସେର୍ଟ ପରିସରରେ ସୋସାଇଟି ଇଣ୍ଟିଗ୍ରେଟେଡ କମ୍ୟୁନିଟି ମ୍ୟାନେଜମେଣ୍ଟ(ସାଇକମ) ପକ୍ଷରୁ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବ୍ଲୁ ଫ୍ଲାଗ ବିଚର ମାନ୍ୟତା ପାଇଁ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଆବଶ୍ୟକିୟ ୩୪ଟି ମାନଦଣ୍ଡ ରହିଥିବାରୁ ସରକାରଙ୍କ ସିକୃତି ପରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ନିକଟରେ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଯାଇଥିଲା । ୨୫ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଗତ ସାତ ମାସ ଧରି ବ୍ଲୁଫ୍ଲାଗ ବିଚି ପାଇଁ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ଶୁଣିବାକୁ ମିଳୁଛି ଚନ୍ଦ୍ରଭାଗା ବେଳାଭୂମି କୁଆଡେ ବ୍ଲୁ ଫ୍ଲାଗ ବିଚ୍ ପାଇଁ ଅନୁପଯୋଗୀ ହୋଇଥିବାରୁ ପୁରୀକୁ ସ୍ଥାନାନ୍ତର ପାଇଁ ଚୂଡାନ୍ତ ହୋଇସାରିଛି । ଏ ସମ୍ପର୍କରେ ସମନ୍ୱିତ୍ ଉପକୂଳ ପରିଚାଳନା ପ୍ରକଳ୍ପର ପରିବେଶ ବିଜ୍ଞାନୀ ଅନନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ବର୍ତ୍ତମାନ ଚନ୍ଦ୍ରଭାଗାରେ ବ୍ଲୁ ଫ୍ଲାଗ ବିଚର ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟଏକ ସଂସ୍ଥା ଦ୍ୱାରା ସର୍ଭେ କରାଯାଇ ଚନ୍ଦ୍ରଭାଗା ବେଳାଭୂମି ବ୍ଲୁ ଫ୍ଲାଗ ବିଚ ପାଇଁ ଅନୁପଯୋଗୀ ହୋଇଥିବା ବେଳେ ପୁରୀ ସମୁଦ୍ର ବେଳାଭୂମୀ ୩୪ଟି ମାନଦଣ୍ଡକୁ ସ୍ପର୍ଶ କରୁଥିବାରୁ ପୁରୀକୁ ସ୍ଥାନାନ୍ତର କରାଯାଉଛି । ଏହି ଘଟଣା ଜଣା ପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେଇଛି । ଜନ ଅସନ୍ତୋଷକୁ ନଜରରେ ରଖି ବ୍ଲୁଫ୍ଲାଗ ବିଚି ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଜମିରେ ଏବେ ପର୍ଯ୍ୟଟକଙ୍କ ପାଇଁ ବଣ ଭୋଜି କରିବା ନିମନ୍ତେ ସପ୍ତକ୍ତ ସଂସ୍ଥା ପକ୍ଷରୁ ଏଠାରେ ଗୃହ ନିର୍ମାଣ କାର୍ଯ୍ୟ ଯାରି ରହିଛି । ରାଜ୍ୟସରକାର ହସ୍ତକ୍ଷେପ କଲେ ପୁଣି ଥରେ ଚନ୍ଦ୍ରଭାଗକୁ ବ୍ଲୁ ଫ୍ଲାଗ ବିଚର ମାନ୍ୟତା ମିଳି ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଶକ୍ତି ଓ ରାଜସ୍ୱ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୧୮।୬ (ନି.ପ୍ର) : ଆଜି ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଏକ ପ୍ରତିନିଧି ଦଳ ସଭାପତି ଶ୍ରୀ ସୁବାସ ସିଂହଙ୍କ ନେତୃତ୍ୱରେ ରାଜ୍ୟ ଶକ୍ତି ମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଭେଟି ବିଦ୍ୟୁତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଯଥା- ବିଭାଗରେ ଦୁର୍ଘଟଣା ଜନିତ ମୃତ୍ୟୁରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ସହିତ ଥଇଥାନ ବ୍ୟବସ୍ଥା କରିବା, ଠିକା ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା, ପ୍ରଶାସନିକ ଓ ବୈଷୟିକ କୁଶଳୀ ଶ୍ରମିକମାନଙ୍କ କ୍ଷେତ୍ରରେ ଥିବା ଦରମାର ତାରତମ୍ୟକୁ ଦୂର କରିବା, ବକେୟା ଦରମାର ଶତପ୍ରତିଶତ ପୈଠ କରିବା, ଓପିଟିସିଏଲ୍‌ରେ ଜେଏମ୍‌ଓଟି ଭାବେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କର ୩ବର୍ଷ ତାଲିମ ସମୟ ପରେ ସେମାନଙ୍କୁ କୁଶଳୀ ଶ୍ରମିକ ହିସାବରେ ବେତନ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ କର୍ମଚାରୀମାନଙ୍କ ସମସ୍ୟା ସଂପର୍କିତ ଏକ ସ୍ମାରକପତ୍ର ମାନ୍ୟବର ମନ୍ତ୍ରୀଙ୍କୁ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା । ଆଗାମୀ ୩ଦିନ ମଧ୍ୟରେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ମାନ୍ୟବର ମନ୍ତ୍ରୀ ଭେଟିଥିବା ପ୍ରତିନିଧି ଦଳଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସଂପାଦକ ଅମର କୁମର ପ୍ରତାପ ସିଂହ, ସାଂଗଠନିକ ସଂପାଦକ ବିଜୟ କୁମାର ଭୁଜବଳ, ସଂପାଦକ କୁମାର ଜିତେନ୍ଦ୍ର ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ ଓ ଦେବବ୍ରତ ରାଉଳ, ଜ୍ଞାନ ରଞ୍ଜନ ବାରିକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

ପ୍ରତିବାଦ ସାହିତ୍ୟ ସ୍ରଷ୍ଟା ଗିରିଶ କନ୍ନଡ଼ଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୮।୬ (ନି.ପ୍ର) : ପ୍ରସିଦ୍ଧ କନ୍ନଡ଼ ଲେଖକ, କଳାକାର, ନାଟ୍ୟକାର ତଥା ନିର୍ଦ୍ଦେଶକ ଗିରିଶ କନ୍ନଡ଼ଙ୍କ ମୃତ୍ୟୁରେ ଦେଶବାସୀ ଜଣେ ସମାଜ ସଂସ୍କାରକ, ଜନବାଦୀ ବୁଦ୍ଧିଜୀବୀ ତଥା ବିଶିଷ୍ଟ ଲେଖକ ଓ ନାଟ୍ୟକାରଙ୍କୁ ହରାଇଲେ । ସେହି ମହାନ୍ ନାୟକଙ୍କ ସ୍ମୃତିରେ ଲୋହିଆ ଏକାଡ଼େମୀଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଫୁଲ୍ଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଓ ମାନସ ରଞ୍ଜନ ପଟ୍ଟନାୟକ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ 'ଅକ୍ଷର'ର ସମ୍ପାଦକ ତଥା ସ୍ତମ୍ଭକାର ଅମୀୟ ପାଣ୍ଡବ । କବି କେଦାର ମିଶ୍ର, ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧକାନ୍ତ ପଟ୍ଟନାୟକ, ନାଟ୍ୟକାର ନାରାୟଣ ପତି, ପୂର୍ବତନ ପୋଲିସ୍ ନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରବି ଦାସ, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ ଓ ଆଡ଼ଭୋକେଟ ଶୀଳଭଦ୍ର ଶାସ୍ତ୍ରୀ ଯୋଗ ଦେଇ କହିଥିଲେ ଯେ, ଆଜିର ପରିସ୍ଥିତିରେ ଦେଶରେ ଯେପରି ଧର୍ମନିରପେକ୍ଷତା ଓ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ହେଉଛି, ତାର ପ୍ରତିବାଦ ସହ ଭିନ୍ନ ମତ ପ୍ରକାଶ କରିବା ଅଧିକାରର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ତାଙ୍କ ପ୍ରତି ଅସଲ ଶ୍ରଦ୍ଧାଞ୍ଜଳି ହେବ । ଭାରତୀୟ ସମ୍ବିଧାନରେ ଥିବା ସମସ୍ତ ମୂଲ୍ୟବୋଧର ସୁରକ୍ଷା ପାଇଁ ଗିରିଶ କନ୍ନଡ଼ ଜୀବନର ଶେଷ ନିଃଶ୍ୱାସ ଯାଏ ପ୍ରତିବଦ୍ଧତାର ସହ କଳା ପ୍ରଦର୍ଶନ କରି ସାହିତ୍ୟ ସୃଷ୍ଟି କରିଚାଲିଥିଲେ । ଏହି ସ୍ମୃତିସଭାରେ ପ୍ରଫେସର ପ୍ରିତୀଶ ଆଚାର୍ଯ୍ୟ, ସୁଧୀର ପଟ୍ଟନାୟକ, ରବି ବେହେରା, ତୁଷାରକାନ୍ତ ଶତପଥୀ, ରାଧାକାନ୍ତ ସେଠି, ସ୍ୱୟଂପ୍ରଭା ପାଢି, ସ୍ୱାତୀ ମିଶ୍ର, ସୋମା ଜେନା ଓ ଅଭିରାମ ମଲ୍ଲିକ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରିଥିଲେ ।

'ପାଟଣାଗଡ଼ ବିଧାୟକଙ୍କୁ ଗିରଫ ପାଇଁ ଦାବି'

ଭୁବନେଶ୍ୱର, ୧୮।୬ (ନି.ପ୍ର) : ପାଟଣାଗଡ଼ର ବିଧାୟକ ସରୋଜ ମେହେର ଗତ ୫ ତାରିଖରେ ପୂର୍ତ୍ତି ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଘରୁ ଡାକିନେଇ ଅମାନବୀୟ ନିର୍ଯ୍ୟାତନା ଦେଇଥିବା ଘଟଣାର ଆମେ ଘୋର ନିନ୍ଦା କରିବା ସହିତ ଆଇନ ଅନୁସାରେ ବିଧାୟକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଦାବି କରୁଅଛୁ । ଏହା ଏକ ଆକସ୍ମିକ ଘଟଣା ନୁହେଁ । କନିଷ୍ଠଯନ୍ତ୍ରୀଙ୍କୁ ଘରୁ ଡାକିନେଇ ସର୍ବସାଧାରଣରେ ଅପମାନିତ କରିବା, ୫ ମିନିଟ୍‌ରେ ୧୦୦ ଥର କାନ ଧରି ବସଉଠ କରାଇବା, ଉପରିସ୍ଥ ଅଧିକାରୀଙ୍କ ଜରିଆରେ ମାଡ଼ ମାରିବା ଓ ଅପହରଣ କରିନେବା ଏକ ଆଦିବାସୀଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଅଟେ । ଏ ବିଷୟରେ ଥାନାରେ ଇତଲା ଦିଆଯାଇଅଛି ଓ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଅଛି । ବହୁ ସ୍ଥାନରେ ଜନଆନ୍ଦୋଳନ ମଧ୍ୟ ଏହା ବିରୁଦ୍ଧରେ ମୁଣ୍ଡ ଟେକିଛି । ବିଧାୟକ ମହାଶୟ ନିଜର ଦୋଷ ମଧ୍ୟ ସ୍ୱୀକାର କରିଛନ୍ତି । ଜିଲ୍ଲାପାଳ ମହୋଦୟ ତଦନ୍ତ କରାଇ ଘଟଣା ସତ ଥିବା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ତଥାପି ବିଧାୟକଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ହେବା ସରକାରଙ୍କ ସ୍ୱଚ୍ଛ ଶାସନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ବିଧାୟକଙ୍କ ସପକ୍ଷ କିଛି ଓ.ବି.ସି. ଲୋକ ଏସ୍.ସି., ଏସ୍.ଟି. ନିର୍ଯ୍ୟାତନା ନିରୋଧକ ଆଇନ ଲାଗୁ ନ କରାଇବାକୁ ଅନୁରୋଧ କରିବା ଏକ ଲଜ୍ଜାଜନକ ବିଷୟ ଅଟେ । ଯେଉଁ ବିଧାୟକ ଏପରି ଅମାନବୀୟ କାର୍ଯ୍ୟ କରିପାରନ୍ତି, ସେ ବହୁ ବିଳମ୍ବରେ ଜାତିଗତ ଆକ୍ଷେପ କରି ନଥିବା କହିବା ବିଶ୍ୱାସଯୋଗ୍ୟ ନୁହେଁ । ଆଦିବାସୀ କର୍ମଚାରୀଙ୍କ ପ୍ରତି ତାଙ୍କର ଥିବା ହନୀମନ୍ୟତାର ଏହା ନଗ୍ନ ପରିପ୍ରକାଶ ଅଟେ । ଘଟଣାରେ ଲୋକମାନଙ୍କୁ ବିଧାୟକ ଉତ୍ତେଜିତ କରାଉଥିବା ପ୍ରମାଣିତ ହେଉଛି । ଲୋକମାନଙ୍କ ଆଳ ଦେଇ ବିଧାୟକ ଖସିଯିବା ପାଇଁ ଚେଷ୍ଟା କରିବା ନିନ୍ଦନୀୟ ଅଟେ । ବିଧାୟକଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀଙ୍କୁ ଚାପୁଡ଼ା ମାରିଥିବା ବରିଷ୍ଠ ଯନ୍ତ୍ରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଏଣୁ ଆମେ ଦସ୍ତଖତ କରିଥିବା ବିଭିନ୍ନ ଏସ୍.ସି., ଏସ୍.ଟି., ଓ.ବି.ସି., ଅଳ୍ପସଂଖ୍ୟକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଓ ସଭ୍ୟମାନେ ଦୃଢ଼ ଦାବି ଜଣାଉଅଛୁ କି ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ବିଧାୟକଙ୍କୁ ଗିରଫ କରିବାର ବ୍ୟବସ୍ଥା କରନ୍ତୁ ।

ମିଳୁନି ବିହନ, ଚାଷୀ ଅସନ୍ତୋଷ

ଡେଲାଙ୍ଗ,୧୮।୬ (ନି.ପ୍ର) : ଡେଲାଙ୍ଗ ବ୍ଲକରେ ଧାନ ବିହନ ନମିଳିବା ନେଇ ଘୋର ଅସନ୍ତୋଷ ବଢିଛି । ବ୍ଲକରେ ବିହନ ମିଳିବା ଘୋର ଅଭାବ ଦେଖା ଦେଇଛି । ଓଡିଶା ରାଜ୍ୟ ବିହନ ନିଗମ ପକ୍ଷରୁ ୧୯ଟି ପ୍ରାଥମିକ ସେବା ସମବାୟ ସମିତିକୁ ବିହନ ଯୋଗାଇ ଦେବା ପାଇଁ ଲାଇସେନ୍ସ ଦିଆଯାଇଥିବା ବେଳେ ସେମାନେ ଡେଲାଙ୍ଗ ବ୍ଲକରେ ଚାଷୀ ମାନଙ୍କୁ ବିହନ ଯୋଗାଇ ପାରୁନଥିବା ରୁ ଚାଷୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ।ଚାଷି ମାନଙ୍କୁ ଯଥା ଶିଘ୍ର ବିହନ ଯୋଗାଇ ଦେବାକୁ ଦାବୀ ଜୋର ଧରଛି ।ବାତ୍ୟା ଫାନି ରେ ଚାଷୀ ତାର ଅଣ୍ଟା ସଳଖ କରିପାରୁନଥିବା ବେଳେ ସରକାର ଚାଷୀଙ୍କୁ ବିହନ ଯୋଗାଇ ନଦେବା ଏହା ଏକ ଦୁଃଖଦ ଘଟଣା ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି ।

ଭକ୍ତଙ୍କ ପାଖରେ ପ୍ରଭୁଙ୍କ ସ୍ନାନଯାତ୍ରା

ପିପିଲି,୧୮।୬ (ନି.ପ୍ର) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ସନ୍ନାଧିପିଠ ଡେଇଶିପୁର ବାଲିଗାଁ ଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଚତୁର୍ଦ୍ଧାମୁର୍ତ୍ତିଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି । ଠାକୁରଙ୍କ ର ସମସ୍ତ ରିତିନିତି ସମ୍ପନ୍ନ ହେବାପରେ ପିଠସ୍ଥିତ ଗୋଠ ଗାଡିଆ ଓ ମଠ କୁଅରୁ ୧୦୮ପିତ୍ତଳ ଗଡୁରେ ପବିତ୍ର ଜଳ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା । ତାପରେ ଅପରାହ୍ନରେ ଠାକୁର ମାନଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା । ରାତିରେ ଶ୍ରୀଜିଉ ମାନେ ଅଣସର ଘର କୁ ବିଜେ କରିଥିଲେ । ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ଲକ୍ଷ୍ମିଧର ପାଢି,ପଣ୍ଡିତ ମାନସରାମ ମିଶ୍ର,ନାରାୟଣ ରଥ ,ପ୍ରହ୍ଲାଦ ମିଶ୍ର,ସତ୍ୟଜିତ ପାଢି ଓ ରାମ ଚନ୍ଦ୍ର ପାଢିଙ୍କ ଦ୍ୱାରା ସମସ୍ତ ନିତି କାର୍ଯ୍ୟ କରାଯାଇଥିଲା ।

ଫନି ପ୍ରଭାବିତଙ୍କୁ କଳାମିତ୍ର ଡଲ୍ ନାମକ ଜୀବନଜୀବିକା ପରିଯୋଜନାର ଶୁଭାରମ୍ଭ

ପୁରୀ, ୧୮।୬ (ନି.ପ୍ର) : ସାରା ଭାରତ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ଦୁର୍ଦ୍ଦଶାର ସଫଳ ପ୍ରତିକ୍ରିୟା ପ୍ରକାଶ କରୁଥିବା ନାନାଦି ପୁରସ୍କାର ପ୍ରାପ୍ତ ରାପିଡ୍ ରେସପନ୍ସ ପକ୍ଷରୁ ଓଡିଶାରେ ଫନୀ ମହାବାତ୍ୟା ପ୍ରଭାବିତ ଗୋଷ୍ଠୀମାନଙ୍କୁ ସହାୟତା ନିମନ୍ତେ କଳାମିତ୍ର ଡଲ୍ ନାମକ ଜୀବନଜୀବିକା ପରିଯୋଜନାର ଶୁଭାରମ୍ଭ ଚଳିତ ମାସ ୧୭ ତାରିଖ ଦିନ ରଘୁରାଜପୁର ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ପ୍ରଳୟଙ୍କରୀ ମହାବାତ୍ୟା ଫନୀର କରାଳ ପରେ ରାପିଡ୍ ରେସପନ୍ସ ଦଳ ପକ୍ଷରୁ ଓଡିଶାର ବାତ୍ୟା ପ୍ରଭାବିତ ଗୋଷ୍ଠୀମାନଙ୍କୁ ନିୟମିତ ଭାବରେ ରିଲିଫ୍ ଯୋଗାଇ ଦିଆଯାଉଛି ।

ଶ୍ରୀମତୀ ନମ୍ରତା ଚଢା, ରାଜ୍ୟ ଶିଶୁ ସୁରକ୍ଷା ନ୍ୟାୟ ସଦସ୍ୟା ଓ ମହିଳା ସାମାଜିକ କର୍ମୀ ଏବଂ ମିସ୍ ଏଲିନା ଦାସ, ଅଭିନେତ୍ରୀ ଓ ସାମାଜିକ କର୍ମୀଙ୍କ ମହତ୍ୱପୂର୍ଣ୍ଣ ଉପସ୍ଥିତିରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ, ଓଡିଶା ସରକାର ଏହି ପରିଯୋଜନାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାପିଡ୍ ରେସପନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହମଦ୍ ଫାରୁକ୍, ରାପିଡ୍ ରେସପନ୍ସର ମୁଖ୍ୟ ସହଯୋଗୀ ମିସ୍ ମହୀକ୍ଷିତା ମିଶ୍ର, ରଘୁରାଜପୁର ଗ୍ରାମର ସରପଂଚ ଓ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

ସମବେତ ଜନତାଙ୍କୁ ସମ୍ବୋଧନ କରିବା ଅବସରରେ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ପର୍ଯ୍ୟଟନ ଓ ସଂସ୍କୃତି ଏକ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଜଣେ ଅନ୍ୟ ଜଣଙ୍କ ବିନା ଅସ୍ତିତ୍ୱହୀନ । ପର୍ଯ୍ୟଟନ କୌଣସି ଦେଶ କିମ୍ବା ରାଜ୍ୟର ମୁଖବନ୍ଧ ସଦୃଶ ଅଟେ । ପ୍ରଳୟଙ୍କରୀ ମହାବାତ୍ୟା ଫନୀ ପ୍ରପୀଡିତ ରଘୁରାଜପୁର ଗ୍ରାମବାସୀଙ୍କ ଦୁର୍ଦ୍ଦଶା ନିମନ୍ତେ ସେ ସମବେଦନା ଜ୍ଞାପନ କରିଥିଲେ । ସେ କହିଥିଲେ ଯେ ମହାବାତ୍ୟା ଫନୀ ପରେ ଏହି ଗ୍ରାମବାସୀମାନେ ବହୁତ ମାନସିକ ଯନ୍ତ୍ରଣା ମଧ୍ୟ ଦେଇ ଗତି କରୁଛନ୍ତି ଏବଂ ରାଜନୈତିକ ବୈଠକ ଦ୍ୱାରା ସେ ଏହି ସମସ୍ୟାର ସମାଧାନ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆହୁରି ମଧ୍ୟ ଗ୍ରାମବାସୀମାନଙ୍କୁ ଏକତ୍ରିତ ହୋଇ ନୂତନ ରଘୁରାଜପୁର ଗ୍ରାମ ଗଠନ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ । ବର୍ତ୍ତମାନ ଓଡିଶା ସରକାର ପର୍ଯ୍ୟଟନ ଓ ସଂସ୍କୃତି ର ବିକାଶ ନିମନ୍ତେ ଏକ ବର୍ଷିଆ ଯୋଜନାମାନ ପ୍ରଣୟନ କରିବାକୁ ଯାଉଛନ୍ତି । ପରିଶେଷରେ ସେ କହିଥିଲେ ପର୍ଯ୍ୟଟନ ଓ ସଂସ୍କୃତି ର ବିକାଶ ପାଇଁ ସେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବେ ।

ନିଜର ସମ୍ଭାଷଣରେ ଶ୍ରୀମତୀ ଚଢା କହିଥିଲେ ଯେ ରଘୁରାଜପୁର ଗ୍ରାମରେ ୧୫୩ ପରିବାର ଓ ଅନୂନ୍ୟ ୮୫୦ ଜଣ କଳାକାର ବସବାସ କରୁଛନ୍ତି । ଏହି ଐତିହ୍ୟ ଗ୍ରାମଟି ଏହାର କଳା ଓ ସଂସ୍କୃତି ପାଇଁ ବିଶ୍ୱବନ୍ଦିତ ଯେଉଁଥିପାଇଁ ଓଡିଆ ବୋଲି ମୁଁ ବହୁତ ଗର୍ବ ଅନୁଭବ କରେ । ସେ ଆହୁରି ମଧ୍ୟ କହିଥିଲେ ଫନୀ ମହାବାତ୍ୟାର ତାଣ୍ଡବ ଅତି ଭୟଙ୍କର କିନ୍ତୁ ଆମକୁ ନିରାଶ ନହୋଇ ଏକତ୍ରିତ ଭାବରେ

ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ବାଣିଜ୍ୟିକ ବୈରତାର ଦୁଇ ଦୁର୍ଦ୍ଦାନ୍ତ ଦ୍ୱନ୍ଦଯୋଦ୍ଧା : ଆମେରିକା-ଚିନ୍

ମାୟାଧର ନାୟକ

ପୃଥିବୀରେ ପୁଣି ଏକ ଭୟାବହ ଯୁଦ୍ଧର ସମ୍ଭାବନା ଦେଖାଦେଇଛି । ଯେଉଁ ଦୁଇଟି ମହାଯୁଦ୍ଧ ପୃଥିବୀରେ ସଂଗଠିତ ହୋଇଛି, ତା ମୂଳରେ ନାରୀ, ସମ୍ପତି, କ୍ଷମତା, ଦେଶ ଦଖଲ ହିଁ ମୂଳ କାରଣ । ଆଗେ ଅସ୍ତ୍ରରେ, ଏବେ କିନ୍ତୁ ଅସ୍ତ୍ର ସହ ଅର୍ଥ ଯୋଡିହୋଇଯାଇଛି । ସମ୍ପ୍ରତି ବିଶ୍ୱର ଦୁଇ ସୁପର ପାୱାର ଆମେରିକା-ଚିନ୍ ବାଣିଜ୍ୟିକ ଯୁଦ୍ଧରେ ଅବତୀର୍ଣ୍ଣ । ସେମାନଙ୍କର ଏହି ବାଣିଜ୍ୟିକ ବୈରତା ବିଶ୍ୱ ଅର୍ଥନୀତିକୁ ଧ୍ୱଂସମୁଖୀ କରିବାକୁ ଯାଉଛି । ୨୦୦୮-୦୯ ମାନ୍ଦାବସ୍ଥାରୁ ଏପର୍ଯ୍ୟନ୍ତ ବିଶ୍ୱ ଅର୍ଥନୀତି ମୁକୁଳିପାରିନି । ପ୍ରତି ୧୦ବର୍ଷରେ ଅର୍ଥନୈତିକ ମାନ୍ଦାବସ୍ଥା ଦେଖାଦେଇଥାଏ । ସମ୍ପ୍ରତି ଆମେରିକା ଓ ଚିନ୍ ଅର୍ଥନୀତିରେ ସଂକଟ ଦେଖାଦେଇଥିବାରୁ ଏହା ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ ।

ବିଶ୍ୱର ୨୦ଟି ଧନଶାଳୀ ଦେଶ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଜାତିସଂଘ ପ୍ରତିନିଧିମାନଙ୍କର ମିଳିତ ଆଲୋଚନାରେ ବିଶ୍ୱର ଆର୍ଥିକ ସଂକଟକୁ ମୁକାବିଲା କରିବାର କୌଣସି ବାସ୍ତବ ସୂତ୍ର ବାହାରିପାରିନି ଏଯାବତ୍ । ସମାଜବାଦୀ ବଜାରର ପତନପରେ ସମ୍ପ୍ରତି ସମଗ୍ର ବିଶ୍ୱବଜାରକୁ ନିୟନ୍ତ୍ରଣ କରୁଛି ଆମେରିକା । କୁତ୍ସିତ କୁବେରତନ୍ତ୍ରର କଳାକାରବାରି କାର୍ପେଟ୍‌ଦାରଙ୍କୁ ମୁକାବିଲା କରୁଛି ଚିନ୍ । ଚିନ୍ ଏବଂ ଆମେରିକା ମଧ୍ୟରେ ଦେଖାଦେଇଥିବା ବାଣିଜ୍ୟିକ ଲଢେଇ ଏବେ ଜୋରଦାର ହେବାରେ ଲାଗିଛି । ଏହାଦ୍ୱାରା ଉଭୟ ଦେଶର ଅର୍ଥନୀତି କ୍ଷତିଗ୍ରସ୍ତ ହେବ ।

ଆମେରିକା ଚିନ୍ ଉପରେ ଅଧିକ ଆମଦାନୀ ଶୁଳ୍କ ଲଗାଇବାଦ୍ୱାରା ଆମେରିକୀୟ ଅର୍ଥନୀତି ପ୍ରଭାବିତ ହେବ । ଯାହାଫଳରେ ଲକ୍ଷଲକ୍ଷ ଲୋକେ ଛଟେଇ ହେବେ ଏବଂ ଉପଭୋକ୍ତାମାନେ ମଧ୍ୟ ପ୍ରଭାବିତ ହେବେ । ଆମେରିକାର ବ୍ୟବସାୟ, କୃଷକ ଏବଂ ସାଧାରଣ ଲୋକଙ୍କ ଉପରେ ଦୀର୍ଘ ମିଆଦ କ୍ଷେତ୍ରରେ ନକରାତ୍ମକ ପ୍ରଭାବ ପଡିବ । ଗତମାସରେ ଆମେରିକା ୨୦୦ ଅରବ ଡଲାରର ଚାଇନାସାମଗ୍ରୀର ଆମଦାନୀ ଉପରେ ଶୁଳ୍କକୁ ୧୦% ରୁ ୨୫%କୁ ବୃଦ୍ଧିକରିଛି । ଟ୍ରମ୍ପ୍ ପ୍ରଶାସନ ଆହୁରି ମଧ୍ୟ ୩୦୦ ଅରବ ଡଲାରର ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧିର ଧମକ ମଧ୍ୟ ଦେଇଛି । ଆମେରିକୀୟ କମ୍ପାନୀମାନଙ୍କର କହିବା ଅନୁସାରେ ଚିନ୍‌ରୁ ଆସୁଥିବା ବସ୍ତୁ ଉପରେ ଯେଉଁ ଶୁଳ୍କ ଲାଗୁ କରାଯାଉଛି, ତାକୁ ଚିନ୍‌କୁ ନୁହେଁ ବରଂ ଆମେରିକାବାସୀଙ୍କୁ ଦେବାକୁ ପଡୁଛି । ଦୁଇଦେଶ ମଧ୍ୟରେ ଏହି ବିବାଦ କାରଣରୁ ବଜାରରେ ମଧ୍ୟ ଏକ ଭିନ୍ନ ବାତାବରଣ ସୃଷ୍ଟି ହେଉଛି । ଆମେରିକୀୟ କମ୍ପାନୀମାନେ ଟ୍ରମ୍ପଙ୍କୁ ଚିଠି ଲେଖିଛନ୍ତି – ୩୦୦ ଅରବ ଡଲାରର ଚାଇନା ଉତ୍ପାଦ ଉପରେ ୨୫% ଶୁଳ୍କ ଲଗାଗଲେ ୪ ସଦସ୍ୟ ବିଶିଷ୍ଟ ଏକ ପରିବାରର ହାରାହାରି ମାସିକ ଖର୍ଚ୍ଚ ୨୦୦୦ ଡଲାର ବୃଦ୍ଧିପାଇବ ।

ଆମେରିକା ରାଷ୍ଟ୍ରପତି ଡୋଲାନ୍ ଟ୍ରମ୍ପ୍ ଚିନ୍ ଅର୍ଥନୀତି ଓ ବାଣିଜ୍ୟ ସଂପର୍କରେ ଏକପ୍ରକାର ଅଙ୍କ । କିନ୍ତୁ ଚିନ୍ ପ୍ରଶାସନ ମଧ୍ୟ ଗତ ୨୦୦୮ ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ନାନାକୌଶଳ ଅବଲମ୍ବନ କରିଥିଲେ । ତାହା ବି ସଂପୂର୍ଣ୍ଣ ସଫଳ ହୋଇପାରିନାହିଁ । ଚିନ୍ ନିଯୁକ୍ତି କ୍ଷେତ୍ରରେ ପ୍ରାୟ ୧୦୦ଟି ବଡବଡ ସହରରେ ୪୦-୫୦ ମହଲା ଆପାର୍ଟମେଂଟ୍ ବିଲଡିଂ ନିର୍ମାଣ କରିଥିଲା । ଏସବୁ ଆପାର୍ଟମେଂଟ୍‌ରେ ଅଳ୍ପକେତେକ କିମ୍ବା ଆଦୌ ବ୍ୟବହାର କରାଯାଇନାହିଁ । ତାହା ସତ୍ତ୍ୱେ ବି ଆପାର୍ଟମେଂଟ୍ ନିର୍ମାଣ ଚାଲିଛି । ଏହି ଦାର୍କ ଟାୱାର ନିର୍ମାଣ କ୍ଷେତ୍ରରେ ସିନା କିଛି ନିଯୁକ୍ତି ପାଇବେ, ବାସ୍ତବରେ ବିନିଯୋଗର ଅର୍ଥ ପାଇପାରିବେନାହିଁ । ହୁଏତ ଭବିଷ୍ୟତରେ ଏହି ଟାୱାରଗୁଡିକ କାମରେ ଲାଗିପାରେ ।

ବାଣିଜ୍ୟ କ୍ଷେତ୍ରରେ ଚାଇନା ଆମେରିକାକୁ ଟକ୍କର ଦେଉଛି । ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ଚିନ୍ ଅର୍ଥନୀତିରୁ ଅନ୍ୟାନ୍ୟ ଦେଶ ଶିଖାନେଉଛି । କିନ୍ତୁ ବାସ୍ତବରେ ଅନ୍ୟାନ୍ୟ ଦେଶର ଅର୍ଥନୀତି ମାନ୍ଦାବସ୍ଥାରୁ ଏପର୍ଯ୍ୟନ୍ତ ମୁକୁଳିପାରିନାହିଁ । ଏଭଳି ପରିସ୍ଥିତିରେ ଆମେରିକା-ଚିନ୍ ବାଣିଜ୍ୟିକ ଯୁଦ୍ଧ ଲାଗିଗଲେ ୨୦୦୮ରୁ ଆରମ୍ଭ ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଭଳି ଆହୁରି ଭୟଙ୍କର ବିପଦ ମାଡିଆସିବ ।

ଏବେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇବବୋଲି କହିବୁଲୁଛି । ଆମେରିକା କହିବୁଲୁଛି ତାଙ୍କ ଦେଶର ଗାଡି ଉପରେ ୫୦%ର ଶୁଳ୍କ ଲଗାଇଲେ ବରଦାସ୍ତ କରାଯିବନି । ଭାରତ ଯାହା ଜବାବି ଶୁଳ୍କ ଲଗାଇବ ଆମେରିକା ତାହା ଦ୍ୱିଗୁଣା ଶୁଳ୍କ ଲଗାଇବାରେ ପ୍ରସ୍ତୁତ ଅଛି । ଏଭଳି ପରିସ୍ଥିତିରେ ଭାରତ ଆମେରିକା ଧମକ ପାଖରେ ମୁଣ୍ଡ ନଇଁବ କି ନାହିଁ, ତାହା ଆଗକୁ ଜଣାପଡିବ ।

ବର୍ତମାନ ବିଶ୍ୱବଜାରକୁ ନିୟନ୍ତ୍ରଣ କରୁଛି ଆମେରିକା । ଆମେରିକା ହେଉଛି କୁତ୍ସିତ କୁବେରତନ୍ତ୍ରର ସେଇ କଳାକାରବାରୀ କାର୍ପେଟଦାର, ଯିଏ ଅର୍ଥ ଦ୍ୱାରା ଅନର୍ଥ ଦିଆଏ ସାରା ପୃଥିବୀରେ । ଅର୍ଥ ବିନିମୟରେ ଏହି ସଂସ୍କୃତିହୀନ ଯାଂକି ସଭ୍ୟତା ଅନ୍ୟଠୁ କିଣିନିଏ ବୁଦ୍ଧି, ବୈଶୟିକ ଜ୍ଞାନକୌଶଳ ଓ ବିରଳ ପ୍ରତିଭା । ଧରାକୁ ସରା ମଣୁଥିବା ଏଇ ମାରାତ୍ମକ ମହାଦେଶର ମୁନାଫାଖୋର ସୌଦାଗରମାନେ ବହୁ ୟୁରୋପୀୟ ଏସିୟ ରାଷ୍ଟ୍ରଙ୍କୁ ନିଜ ଯୁକ୍ତି ଓ ଚୁକ୍ତିରେ ବାନ୍ଧିସାରିଲେଣି । ସେମାନେ ବିଭିନ୍ନ ଦେଶରେ ବାଣିଜ୍ୟ ବ୍ୟବସାୟର ଚକ୍ରବ୍ୟୁହ ବିସ୍ତାରକରି ପ୍ରଥମେ ଦୁର୍ନୀତିଗ୍ରସ୍ତ କରିପକାନ୍ତି ଶାସନବ୍ୟବସ୍ଥାକୁ । ଆମେରିକାର ସାମରିକ ଓ ରାଜନୈତିକ ଯୁଦ୍ଧ ସରିଆସୁଛି - ଆରମ୍ଭ ହୋଇଯାଇଛି ଏକ ଅଭୂତପୂର୍ବ ଅର୍ଥନୈତିକ ଯୁଦ୍ଧ । ଏ ଅର୍ଥନୈତିକ ଯୁଦ୍ଧ ହେଉଛି ଏକ ଅଦୃଶ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆଭାସ ମାତ୍ର !

ବିଶ୍ୱ ମାନଚିତ୍ରରେ ବଜାରଧର୍ମୀ ପାଶ୍ଚାତ୍ୟ ସଭ୍ୟତା ଉପରେ ଗଢିଉଠିଥିବା ୟୁରୋପ ଅପେକ୍ଷା କୃଷିଭିତିକ ପାଶ୍ଚାତ୍ୟ ସଭ୍ୟତା ଆଧାରିତ ଏସିଆ ମହାଦେଶକୁ ହିଁ ଅଧିକ କ୍ଷୟକ୍ଷତିର ଆକ୍ରାନ୍ତ କରିବାର ଚକ୍ରାନ୍ତ କରିଦେଇଛି ଆମେରିକା । ଏସିଆ ପାଲଟିବାକୁ ଯାଉଛି ଗୋଟାଏ 'ଟ୍ରାଜିକ୍ ଟାର୍ଗେଟ୍' - ନିଜ ଅଜ୍ଞାତସାରରେ । ମାରଣାସ୍ତ୍ରରେ ମୁନାଫାର ମିନାର ଆକାଶଛୁଆଁ । ଏପରିକି ଏହି ମୁନାଫାର ମାତ୍ର ୫% ଉତ୍କୋଚରେ ବହୁ ଏସିଅ ରାଷ୍ଟ୍ରର ଶାସନ ଓ ପ୍ରଶାସନ ଆମେରିକାର ସଖୀକଣ୍ଠେଇ ସାଜିବାକୁ ସଜବାଜ । ଅଧିକାଂଶ ରାଷ୍ଟ୍ରର ଶାସନ ଓ ପ୍ରଶାସନର ସୁତ୍ରଧରମାନଙ୍କୁ କଳାଟଙ୍କାର କାରବାରରେ ହରଦମ୍ ପିସାବଦୋରସ୍ତ କରିବାରେ କୃତକାର୍ଯ୍ୟ ହୋଇସାରିଛି ସଫେଦ ସୌଦାଗର । ଏସିଆ ଉପରେ ଏ ଈଗଲ୍ ଆଖିର ଈର୍ଷୁଜକ ଚଢଉ କାହିଁକି ? ଭାରତ-ଚିନ୍-ଜାପାନ୍ ଯଦି କେବେ ନା କେବେ ପୁନଃଜାଗରଣର ମନ୍ତ୍ରଶକ୍ତିଦ୍ୱାରା ଏକତ୍ରରେ ଉଦ୍‌ବୁଦ୍ଧ ହୋଇଯିବେ, ତା'ହେଲେ ଏସିଆ ହୋଇଉଠିବ ଏକ ଅଦ୍‌ଭୁଦ୍ ଅପରାଜେୟ ମହାଶକ୍ତି । ଯାହା ସ୍ୱର୍ଗ, ମର୍ତ୍ୟ, ପାତାଳିକାମୀ ମାର୍କିନ ସାମରିକ ସୌଦାଗର ଅପଶକ୍ତିବାଣୀ ଅଦୂର ଭବିଷ୍ୟତରେ ଗୋଟାଏ ଶକ୍ତ ଅକାଳ ଧମକ ।

ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ସମ୍ପାଦକୀୟ

ଫନି କ୍ଷୟକ୍ଷତି

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ବିଷ୍ଣୁପଦ ସେଠୀ ସାମୁଦ୍ରିକ ଝଡ ଫନି ଜନିତ କ୍ଷୟକ୍ଷତିର ବୃତ୍ତାନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ ମେ' ୩ରେ ହୋଇଥିବା ବାତ୍ୟା ପ୍ରଭାବରେ ରାଜ୍ୟର ପ୍ରାୟ ୧୪ଟି ଜିଲ୍ଲାର ୨୦ ହଜାର ୩୬୭ ଗାଁ କ୍ଷତିଗ୍ରସ୍ତ ହୋଇଛି । ରିପୋର୍ଟରେ ବାତ୍ୟା ଯୋଗୁଁ ମୋଟ ୯୩୩୬ କୋଟି ୬୮ ଲକ୍ଷ ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି । ଏଥିରେ ସାଧାରଣ ସମ୍ପତ୍ତିର କ୍ଷତି ପ୍ରାୟ ୬ହଜାର ୬୪୩କୋଟି ୬୪ଲକ୍ଷ ଟଙ୍କା ଆକଳନ କରାଯାଇଥିବା ବେଳେ ବାତ୍ୟା ବିପନ୍ନଙ୍କୁ ରିଲିଫ ପାଇଁ ୨୬୯୨ କୋଟି ୬୩ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ପୂର୍ବରୁ କେନ୍ଦ୍ରୀୟ ଟିମ୍‌କୁ ସରକାର ଦେଇଥିବା ପ୍ରାଥମିକ ରିପୋର୍ଟରେ ମୋଟ ୧୧ହଜାର ୯୪୨ କୋଟି ଟଙ୍କା କ୍ଷତି ହୋଇଥିବା ଦର୍ଶାଇଥିଲେ । ଏହାକୁ ଦୃଷ୍ଟିରେ ରଖି ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏନ୍‌ଡିଆରଏଫ୍) ପାଣ୍ଠିରୁ ୫୨୨୭.୬୮ କୋଟି ଟଙ୍କା ମଗାଯାଇଛି ବୋଲି ଏସ୍‌ଆରସି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ଫନି ଯୋଗୁ ରାଜ୍ୟର ୧୪ଟି ଜିଲ୍ଲାର ୨୦,୩୬୭ଟି ଗ୍ରାମ ପ୍ରଭାବିତ ହୋଇଛି । ବାତ୍ୟାରେ ୧ କୋଟି ୬୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧ ଲକ୍ଷ ୮୮ ହଜାର ହେକ୍ଟର ଚାଷ ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି । ସେହିଭଳି ୫ଲକ୍ଷ ୫୬ହଜାର ୭୬୧ଟି ଘର ଆଂଶିକ ବା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ବାତ୍ୟା ପ୍ରଭାବରେ ୬୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଆହତ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେହିଭଳି ୨୬୫୦ଟି ଗାଈ, ମଇଁଷିଙ୍କ ମୃତ୍ୟୁ ହେବା ସହିତ ୩୬୩୧ଟି ବାଛୁରୀ, ଛେଳି, ମେଣ୍ଢା ଓ ୫୩,୨୬, ୯୦୫ କୁକୁଡା କ୍ଷୟକ୍ଷତି ହୋଇଥିଲା । ବିଭିନ୍ନ ଜିଲ୍ଲାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ୧ ହଜାର ୩୫୭ କୋଟି ୧୪ଲକ୍ଷ ଟଙ୍କା ସହାୟତା ଆକାରରେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ପ୍ରଦାନ କରାଯାଇଛି । ପ୍ରକାଶ ଯୋଗ୍ୟ ଯେ, ବାତ୍ୟା ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ୩୪୧କୋଟି ଓ ପରବର୍ତ୍ତୀ ସମୟରେ ୧ ହଜାର କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଘୋଷଣା କରିଥିଲେ । ୩୮ଜଣ ପରିବାରକୁ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ବାବଦକୁ ୧ କୋଟି ୫୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ପୁରୀ ଜିଲ୍ଲାକୁ ସର୍ବାଧିକ ୮୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲାକୁ ସର୍ବନିମ୍ନ ୮ଲକ୍ଷ ଟଙ୍କା ଦିଆଯାଇଛି । ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ଏକ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଏକାଧିକ ଟିମ୍ ସବୁ ପ୍ରଭାବିତ ଗ୍ରାମକୁ ଗସ୍ତ କରି କ୍ଷୟକ୍ଷତି ଆକଳନର ରିପୋର୍ଟ ପ୍ରଦାନ କରିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ବାତ୍ୟାର କ୍ଷୟକ୍ଷତିର ଆକଳନ କରିବା ଲାଗି ମେ' ୧୨ରୁ ୧୫ ପର୍ଯ୍ୟନ୍ତ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି ପ୍ରଭାବିତ ଜିଲ୍ଲାଗୁଡିକୁ ପରିଦର୍ଶନ କରିଥିଲେ । ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ପ୍ରଦାନ କରାଯାଇଥିଲା । ଓଡ଼ିଶାଗସ୍ତରେ ଆସିଥିବା ମିଳିତ ଜାତିସଂଘ, ବିଶ୍ୱବ୍ୟାଙ୍କ ଓ ଏସୀୟ ଉନ୍ନୟନ ବ୍ୟାଙ୍କ ପ୍ରତିନିଧି ଦଳ ଭିନ୍ନ ଭିନ୍ନ ଆକଳନ କରିଥିଲେ । ଏହି କମିଟିର ପ୍ରାଥମିକ ରିପୋର୍ଟରେ ରାଜ୍ୟର କ୍ଷୟକ୍ଷତିର ପରିମାଣ ୨୪, ୬୫ କୋଟି ଟଙ୍କା ଦର୍ଶାଯାଇଥିବା ବେଳେ କ୍ଷତିଭରଣା ପାଇଁ ଓଡ଼ିଶାକୁ ୨୮,୮୬୯ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ ଥିଲା । ବାତ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ପ୍ରଦାନ ପାଇଁ ୨୬୯୨ କୋଟି ୬୩ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ଏହି ହିସାବରେ ସରକାରୀ ସମ୍ପତ୍ତିର ହୋଇଥିବା କ୍ଷୟକ୍ଷତିର ଭରଣା ଏବଂ ରିଲିଫ ଓ ଥଇଥାନ ପାଇଁ ୯୩୩୬ କୋଟି ଟଙ୍କାର ଆବଶ୍ୟକତା ରହିଛି । ତେବେ ଏନଡିଆରଏଫ ସହାୟତା ଅନୁସାରେ ୫ହଜାର ୨୨୭କୋଟି ୬୮ଲକ୍ଷ ଟଙ୍କା ରିଲିଫ୍ ଓ ପୁନରୁଦ୍ଧାର ପାଇଁ ଆବଶ୍ୟକ । ଇତିମଧ୍ୟରେ ରାଜ୍ୟ ସରକାର ରିଲିଫ ଓ ପୁନର୍ଗଠନ କାର୍ଯ୍ୟ ପାଇଁ ବିଭିନ୍ନ ଜିଲ୍ଲା ଓ ବିଭାଗକୁ ୧୩୫୭ କୋଟି ୧୪ଲକ୍ଷ ଟଙ୍କା ପ୍ରଦାନ କରିସାରିଛନ୍ତି । ସେପଟେ ଏସଡିଆରଏଫ ଓ ଏନଡିଆରଏଫ ପାଣ୍ଠିରୁ ଏବେ ସୁଦ୍ଧା ରାଜ୍ୟ ସରକାରଙ୍କୁ ୧୩୪୦ କୋଟି ୮୭ ଲକ୍ଷ ଟଙ୍କା ମିଳିସାରିଛି । ଓଡ଼ିଶା ଉପକୂଳରେ ତାଣ୍ଡବ ରଚାଇଥିବା ପ୍ରଳୟଙ୍କରୀ ବାତ୍ୟା ଫନି ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଭରଣା, ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପାଣ୍ଠି ଓ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିର ମାନଦଣ୍ଡକୁ ଆଧାର କରି କେନ୍ଦ୍ରକୁ ୫ହଜାର ୨୨୭ କୋଟି ୬୮ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ମାଗିଛନ୍ତି ରାଜ୍ୟ ସରକାର । ଜାତୀୟ ବିପର୍ଯ୍ୟୟ ପାଣ୍ଠିରୁ ପୁନର୍ଗଠନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି । ପରିତାପର ବିଷୟ ଯେ, ସରକାର ତଥା ପରିଦର୍ଶନରେ ଆସିଥିବା ପ୍ରତିନିଧି ଦଳ ନିଜ ନିଜର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିସାରିଥିବା ବେଳେ ବାତ୍ୟା ପ୍ରଭାବିତ ଅଞ୍ଚଳ ଏବେ ବି ନିଜ ପୂର୍ବସ୍ଥିତିକୁ ଫେରିବାର ସକ୍ଷମ ହୋଇପାରିନାହିଁ ।

ବିଶ୍ୱ ରକ୍ତ ଶିକୁଳି ସଚେତନତା ଦିବସ

ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜାତିସଂଘର ସାଧାରଣ ପରିଷଦର ଅନୁମୋଦନକ୍ରମେ ୨୦୦୮ରୁ ପ୍ରତି ବର୍ଷ ଜୁନ ୧୯ରେ ପାଳିତ ହେଉଛି ରକ୍ତ ଶିକୁଳି ସଚେତନତା ଦିବସ ଇଂରେଜୀରେ ୱାର୍ଲଡ଼ ସିକଲ ସେଲ ଆୱାରନେସ ଡ଼େ। ରକ୍ତ ଶିକୁଳିଜନିତ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହା ଏକ ମାରାତ୍ମକ ବ୍ୟାଧି। ଉଭୟ ବୟସ୍କ ଓ ଶିଶୁ ଏହି ରୋଗ ଭୋଗିପାରନ୍ତି। ଏହି ରୋଗ ଯୋଗୁଁ ମୁଖ୍ୟତଃ ଆଫ୍ରିକା ମହାଦେଶରେ ଲକ୍ଷ ଲକ୍ଷ ପାଞ୍ଚ ବର୍ଷରୁ କମ ବୟସ୍କ ଶିଶୁଙ୍କ ଜୀବନ ଯାଉଛି। ଏହା ଏକ ଅନୁବଂଶିକ ରକ୍ତ ସଂପର୍କିତ ବ୍ୟାଧି। ସାଧାରଣତଃ ପିତା ମାତାଙ୍କ ଠାରୁ ଶିଶୁ ଶରୀରକୁ ଆସେ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ

ଏକ ରକ୍ତଭିଜା କାହାଣୀ: ଯତନ ମହଲର

ଡ଼ାକ୍ତର ସୁରେନ୍ଦ୍ରନାଥ ଦାଶ

କଟକରୁ ଢେଙ୍କାନାଳ ଦେଇ ତାଳଚେରକୁ ଟ୍ରେନରେ ଗଲାବେଳେ ଢେଙ୍କାନାଳ ସହରର କିଛି ଆଗରୁ ଶିମୁଳିଆ ନାମକ ଗାଁ ଟିଏ ପଡେ । ଏହି ଗାଁ କୁ ଲାଗି ରହିଛି ଗୋଟିଏ ପାହାଡ । ସେହି ପାହାଡ ଉପରେ ଠିଆ ହୋଇଛି ଗୋଟିଏ ପୁରୁଣା ଭଙ୍ଗା ବିଶାଳ କାୟ ରାଜ ଉଆସ । ସବୁଆଡେ ବଣ ଲତା ମାଡି କୋଠାକୁ ଘୋଡାଇ ପକାଇଛି । ସବୁ ଲୋକମାନଙ୍କ ଦୃଷ୍ଟି ସେହି କୋଠାକୁ ସ୍ୱତଃ ଟାଣି ହୋଇଯାଏ ଓ କିଛି ଲୋକ କହି ପକାନ୍ତି ଏହା ହେଉଛି ଯତନ ମହଲ । ଅନ୍ୟ କିଛି ଯାତ୍ରୀଙ୍କର ଛାତି ଫଟାଇ ଦିର୍ଘ ନିଶ୍ୱାସ ଟିଏ ବାହାରି ଆସେ । ହୁଏତ ତାଙ୍କର କେଉଁ ପୂର୍ବ ପୁରୁଷ ବେଠିଆ ହୋଇ ଜତନ ନଗର ତିଆରି କରିବା ପାଇଁ ଲୁହ ଲହୁ ଓ ଝାଳ ସେହି କଠିନ ପାହାଡ ଉପରେ ଅତିତରେ ଓଜାଡି ଦେଇଛନ୍ତି । ୯୯ କୋଠରି ବିଶିଷ୍ଟ ସେହି ବିଶାଳ ଭଗ୍ନ ରାଜ ପ୍ରସାଦ ଓ ଡ଼ିଶାର ପୂର୍ବତନ ଗଡଜାତ ରାଜାଙ୍କର ରାଜ ଅତ୍ୟାଚାର କାହାଣିର ମୁକ ସାକ୍ଷି ରୁପେ ଦଣ୍ଡାୟ ମାନ ହୋଇ ରହିଛି । ୧୮୦୩ ମସିହାରେ ଇଂରେଜ ମାନେ ଓ ଡ଼ିଶା ଅଧିକାର କଲେ । ଉପକୂଳ ବର୍ତି ଅଂଚଳର ୩ଟି ଜିଲ୍ଲା ବାଲେଶ୍ୱର, କଟକ ଓ ପୁରୀ କୁ ନେଇ ଓ ଡ଼ିଶା ଡିଭିଜନ ଗଠନ କରି ଜଣେ ଛ

କବି ନିମାଇଁ ଭୂୟାଁଙ୍କ ପରଲୋକ

ତିହିଡ଼ି,୧୮।୬(ନିପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ ଗ୍ରାମର କବି ନିମାଇଁ ଚରଣ ଭୂୟାଁଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତଃ ଭୂୟାଁ ଜଣେ ଆଧ୍ୟାତ୍ମିକ ଚେତନାବାଦୀ, କର୍ତ୍ତବ୍ୟନିଷ୍ଠ, ଶାନ୍ତ, ସରଳ ବ୍ୟକ୍ତି ଭାବେ ସାଧାରଣରେ ପରିଚୟ ସୃଷ୍ଟି କରିପାରିଥିଲେ । ସାହିତ୍ୟ ସଂଗଠନ 'ସଖା'ର ଆଜୀବନ ସଦସ୍ୟ ଥିଲେ। ତାଙ୍କର ବହୁ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶପାଇ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ବିୟୋଗରେ 'ସଖା'ର ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, କବି ସଞ୍ଜିତ୍ ବଳ, ଯୁବଗାଳ୍ପିକ କୈଳାସ ବେହେରା, କବି ବସନ୍ତ ଦାସ, ସୁଧାରଂଜନ ମହାନ୍ତି, ପୀତାମ୍ବର ସେଠୀ, ନାରାୟଣ ଦେବ, ରତିକାନ୍ତ ଦାସ, ନାରାୟଣ ଦେବ, ମନୋରଂଜନ ମୁଦୁଲି, ଭାଗିରଥି ଦତ୍ତ, ସତ୍ୟବ୍ରତ ତ୍ରିପାଠୀ, ଦୈତାରୀ ସାହୁ, ଜଗବନ୍ଧୁ ମହାନ୍ତି, ନୀଳାମ୍ବର ସେଠୀ, ଭାଗବତ ସେନାପତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ନୂଆପଡ଼ା ଏମ୍ ଇ ସ୍କୁଲର ୧୯୭୮ ବ୍ୟାଚ୍‌ର ବନ୍ଧୁମିଳନ

ନୂଆପଡ଼ା,୧୮।୬(ନିପ୍ର): ନୂଆପଡ଼ା ଏ ମି ସ୍କୁଲର ୧୯୭୮ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ନୂଆପଡ଼ା ଏ ମି ସ୍କୁଲ, ନୂଆପଡ଼ା, ଆଳି, କେନ୍ଦ୍ରାପଡ଼ା ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ ରୁ ୭୦ ଜଣ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯିବା ସହିତ ସ୍କୁଲର ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଫଳ କରିବା ପାଇଁ ୧୯୭୮ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କର ସହଯୋଗ ରହିଥିଲା।

ବାଲେଶ୍ୱରରେ ପଲିଥିନ୍ ବ୍ୟବହାର ବନ୍ଦ କଡ଼ାକଡ଼ି

ବାଲେଶ୍ୱର,୧୮।୬(ନିପ୍ର): ବାଲେଶ୍ୱର ସହରେ ପଲିଥିନ୍ ବ୍ୟବହାର ଅଙ୍କୁଶକୁ କଡ଼ାକଡ଼ି କରାଯାଇଛି। ପୂର୍ବରୁ ରାଜ୍ୟର ୫ ଟି ସହରରେ ପଲିଥିନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଯାଇଥିବା ବେଳେ ଆଜିଠାରୁ ବାଲେଶ୍ୱର ସହରରେ ମଧ୍ୟ ଧରପଗଡ଼ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ପୌରପାଳିକା ପକ୍ଷରୁ ବିଗତ କିଛିଦିନ ଧରି ସହରରେ ପଲିଥିନ ବ୍ୟବହାର ନିଷେଧ ସମ୍ପର୍କରେ ମାଇକ୍ ପ୍ରଚାର ମାଧ୍ୟମରେ ଜନ ସଚେତନତା କରାଯାଇଥିଲା। ଏବେ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏଥି ନିମନ୍ତେ ୩ ଗୋଟି ଟିମ୍ ଗଠନ କରାଯାଇ ସହରର ମୋତିଗଞ୍ଜ ଓ ନୂଆବଜାରର ଜନ ଗହଳିପୂର୍ଣ୍ଣ ଅଞ୍ଚଳ, ଦୋକାନ ବଜାର ଓ ପଲିଥିନ୍ ଷ୍ଟକିଷ୍ଟମାନଙ୍କ ଉପରେ ଏହି ଚଢ଼ଉ ହୋଇଥିଲା। ୫୦ ମାଇକ୍ରୋନ୍‌ରୁ କମ୍ ସାନ୍ଦ୍ରତା ବିଶିଷ୍ଟ ପଲିଥିନ୍ ବ୍ୟବହାର ପରିବେଶ ନିମନ୍ତେ ଅନୁପଯୁକ୍ତ ହୋଇଥିବାରୁ ଏହାର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ସରକାର ନିଷ୍ପତି ନେଇଥିବା ପୌପାଳିକା କର୍ମଚାରୀ ପ୍ରକାଶ କରିଥିଲେ। ଏହି ବର୍ଗର ପଲିଥିନ୍ ଜମା ରଖୁଥିବା ଷ୍ଟକିଷ୍ଟ ଓ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପୌରପାଳିକାର ଏହି ଅଭିଯାନକୁ ଦୋକାନୀମାନେ ସ୍ୱାଗତ କରିବା ସହ ଆଗାମୀ ଦିନରେ ୫୦ ମାଇକ୍ରୋନ୍‌ରୁ କମ୍ ସାନ୍ଦ୍ରତା ବିଶିଷ୍ଟ କୌଣସି ପଲିଥିନ୍ ବା ପଲିଥିନ୍ ସାମଗ୍ରୀ ବିକ୍ରି କରିବେ ନାହିଁ ବୋଲି ଜଣାଇଛନ୍ତି। ଏ ଦିଗରେ ସେମାନେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ପରିବେଶ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ସରକାରୀ ନିଷ୍ପତିକୁ କାର୍ଯ୍ୟକାରୀ ପାଇଁ ନିଶ୍ଚିତ ପଦକ୍ଷେପ ନେବେ ବୋଲି ଦୋକାନୀମାନେ କହିଛନ୍ତି।

ଫନି ବାତ୍ୟାରେ ବେଉବୋଇ ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାପକ କ୍ଷତି

ବଳଙ୍ଗା,୧୮।୬(ନିପ୍ର): ସାମୁଦ୍ରିକ ଝଡ଼ ଫନି ବାତ୍ୟା ପ୍ରଭାବରେ ୧୯୯୬ ମସିହାରେ ସ୍ଥାପିତ ହୋଇଥିବା ବଳଙ୍ଗା ଥନା ଅନ୍ତର୍ଗତ ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କଲେଜର କ୍ଷୟକ୍ଷତି ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କଲେଜ ଅଧ୍ୟକ୍ଷ ନିରଞ୍ଜନ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଖୁବ୍ ଜୋର୍‌ରେ ପବନ ବର୍ଷା ଯୋଗୁଁ ଅଫିସ ଓ ଶ୍ରେଣୀ ଗୃହରେ ବହୁ ଆସବାବପତ୍ର ଭାଙ୍ଗି ନଷ୍ଟ ହେବା ସହିତ ଆଜବେଷ୍ଟସ ଘରେ ଚାଲିଥିବା ୧୦ ରୁ ୧୫ ଗୃହର ଆଜବେଷ୍ଟସ ଉଡ଼ାଇନେବା ସହିତ ଝରକା, କବାଟ ମଧ୍ୟ ଭାଙ୍ଗିଯାଇଛି। ଆଜବେଷ୍ଟସ ଘର ଗୁଡ଼ିକ ଉପରେ ଗଛ ଭାଙ୍ଗି ପଡ଼ିବା ଯୋଗୁଁ ଆଜବେଷ୍ଟସ ଘର ଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଏହା ଛଡ଼ା କଲେଜର କମ୍ପ୍ୟୁଟର ଗୁଡ଼ିକ ଭାଙ୍ଗିବା ସହିତ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗି ଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ କର୍ମଚାରୀମାନେ କାର୍ଯ୍ୟାଳୟରେ କମ୍ କରିନପାରି ଅତ୍ୟନ୍ତ ଦୟନୀୟ ଭାବେ ହଇରାଣ ହରକତ ହେଉଛନ୍ତି। ଯଥାଶୀଘ୍ର ଭାଙ୍ଗିଯାଇଥିବା ଶ୍ରେଣୀ ଗୃହ ଗୁଡ଼ିକ ମରାମତି କରିବା ସହିତ ତୁରନ୍ତ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଦାବୀ କରିଛନ୍ତି।

ପଟ୍ଟାମୁଣ୍ଡାଇରେ ରୋଟାରୀ କ୍ଲବ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୮।୬(ନିପ୍ର): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରୋଟାରୀ କ୍ଲବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରୋଟାରିଆନ ମୃଣାଳକାନ୍ତ ନାୟକ ପୌରହିତ୍ୟ କରିଥିଲେ । ଏଥିରେ ରୋଟାରୀ କ୍ଲବର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଭବାନୀ ପ୍ରସାଦ ଚୌଧୁରୀ ମୁଖ୍ୟଅତିଥି, ପ୍ରାକ୍ତନ ଜିଲ୍ଲା ଗଭର୍ଣ୍ଣର ଶିବବ୍ରତ ଦାସ, ରୋଟାରିଆନ ସାନ୍ତନୁ ପାଣି, ସହକାରୀ ଗଭର୍ଣ୍ଣର ସୁଶାନ୍ତ ମହାପାତ୍ର, ମହାନଦୀ ବିହାର ରୋଟାରୀ କ୍ଲବ ସଭାପତି ରୋଟାରିଆନ ରାମପ୍ରସାଦ ରାଥୋର, ଯୁଗ୍ମସଂପାଦକ ରୋଟାରିଆନ ଅନୁପ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ରୋଟାରୀ କ୍ଲବ ସଭାପତି ରୋଟାରିଆନ ସୂର୍ଯ୍ୟରଞ୍ଜନ ରାଉଳ, ସଂପାଦକ ରୋଟାରିଆନ ତପନ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ରୋଟାରୀ କ୍ଲବର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏଇ ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରୀ କ୍ଲବର ସୁପରିଚାଳନା ପାଇଁ ଡା. ସତ୍ୟବ୍ରତ ପ୍ରଧାନ, ଡ. ନରହରି ଲେଙ୍କା, ହେମନ୍ତ ସାହୁ, ସୁରେନ୍ଦ୍ର ମହାନ୍ତି, ବିରେନ ପ୍ରତାପ ଜେନା, ହେମନ୍ତ ମହାନ୍ତି, ଆଡଭୋକେଟ ରବିନ୍ଦ୍ର କୁମାର ଦାଶ, ଦାମୋଦର ସାହୁ, ସୁଶାନ୍ତ ବାରିକ, ଆଡଭୋକେଟ ଅଶ୍ୱିନୀ ବେହେରା ଓ ମନୋଜ ନାୟକ, ପ୍ରତାପ ପାଢୀ, ବସନ୍ତ କୁମାର ଜେନା, ପ୍ରଦୀପ ସାହୁ, ହେମନ୍ତ ଧଳଙ୍କୁ ନେଇ ନିର୍ଦ୍ଦେଶକ ମଣ୍ଡଳୀ ଗଠନ କରାଯାଇଥିଲା । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ ।

ଭଦ୍ରକ ବାଇପାସ୍ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ଭଦ୍ରକ,୧୮।୬ : ଭଦ୍ରକ ସହରାଂଚଳର ବାଇପାସ୍‌ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ପ୍ରତିବର୍ଷ ପରି ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସେବା ପରିଷଦ ପକ୍ଷରୁ ନିର୍ଘଂଟ ନୀତିକାନ୍ତି ଅନୁଯାୟୀ ସମସ୍ତ ପୂଜା ସୂଚାରୁରୂପେ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ସ୍ନାନମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କ ସମେତ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ମଧ୍ୟ ଗଜାନନ ବେଶରେ ଦର୍ଶନ କରିଛନ୍ତି। ଏହି ସ୍ୱତନ୍ତ୍ର ପୂଜାନୀତି ବେଳେ ଘଂଟଘଂଟା ଓ କୀର୍ତନରେ ଉଛୁଳିପଡ଼ିଥିଲା ମହାପ୍ରଭୁଙ୍କ ମନ୍ଦିର ପରିସର। ଭୋର ୫ଟାରୁ ଦ୍ୱାରାଫିଟା ପୂଜାପରେ ଅବକାଶ, ସୂର୍ଯ୍ୟପୂଜା, ବାଳଭୋଗ, ଆଳତୀ ଓ ଦୀଗପହଣ୍ଡିପରେ ରାଜାଙ୍କ ଛେରାପହଁରା ହୋଇଥିଲା। ପରେ ଘଂଟଘଂଟା ବାଦ୍ୟ କୀର୍ତନରେ ମହାସମାରୋହରେ ମହାପ୍ରଭୁଙ୍କ ମହାସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ନଲାଗି, ଷୋଡ଼ଶ ଉପଚାର ପୂଜା ପରେ ସ୍ନାନ ମଣ୍ଡପରେ ଗଜାନନ ବେଶ ଧାରଣ କରିଥିଲେ ଚତୁର୍ଦ୍ଧାମୂର୍ତି। ମନ୍ଦିରର ବ୍ରାହ୍ମଣ ପଣ୍ଡିତ ସୁରେନ୍ଦ୍ର ପାଣିଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜାନୀତି କାନ୍ତି ରୀତିନୀତିରେ ହୋଇଥିଲା। ସକାଳ ୬ଘଟିକାରୁ ଦିବା ଏକଘଟିକା ପର୍ଯ୍ୟନ୍ତ ପୂଜାନୀତି କାର୍ଯ୍ୟକ୍ରମ ପରେ ଗଜାନନ ବେଶ ଦର୍ଶନ ପାଇଁ ଅପେକ୍ଷାରତ ଥିଲେ ବହୁ ଶ୍ରଦ୍ଧାଳୁ। ତେବେ ଏହି ସମସ୍ତ ଦେବସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମକୁ ଜଗନ୍ନାଥ ସେବା ପରିଷଦର ସମସ୍ତ କର୍ମକର୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳରୁ ଆସିଥିବା ବହୁ ପଣ୍ଡିତ, ଜ୍ଞାନୀ ଗୁଣୀ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ସନ୍ଧ୍ୟାରେ କୀର୍ତନ, ଜଣାନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲା ମାଇନରିଟି ଓ୍ୱେଲଫେୟାର ଅର୍ଗାନାଇଜେସନ ଗଠିତ

ସଂଖ୍ୟାଲଘୁ ଝିଅଙ୍କ ବିବାହ ଓ ଗରିବଙ୍କ ଚିକିତ୍ସା ପାଇଁ ନିଆଯିବ ପଦକ୍ଷେପ

ବାଲେଶ୍ୱର,୧୮/୬(ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବହୁ ସଂଖ୍ୟାଲଘୁ ସଂପ୍ରଦାୟ ପରିବାର ଗରିବ ହୋଇଥିବା ବେଳେ ସେମାନଙ୍କର ଝିଅମାନଙ୍କର ବିବାହ କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକ ଦେଖା ଦେଇଛି । ଏହା ସହିତ ସଂଖ୍ୟାଲଘୁ ସଂପ୍ରଦାୟର ଗରିବ ଲୋକମାନେ ଛୋଟ ବଡ ରୋଗ ହେଲେ ଚିକିତ୍ସାର ସୁବିଧା ପାଇପାରୁନାହାନ୍ତି । ଏହି ଅବସରରେ ଜିଲ୍ଲାରେ କେତେକ ବଦାନ୍ୟ ସମାଜସେବୀ ବ୍ୟକ୍ତିଙ୍କୁ ନେଇ 'ଡଷ୍ଟ୍ରିକ୍ଟ ମାଇନରିଟି ଓ୍ୱେଲଫେୟାର ଅର୍ଗାନାଇଜେସନ' ନାମକ ଏକ ନୂତନ ସ୍ୱେଚ୍ଛାସେବୀ ସଂଗଠନ ଗଠନ କରାଯାଇଛି । ଏହି ସଂଗଠନକୁ ସରକାରଙ୍କ ନିକଟରେ ଖୁବ୍ ଶୀଘ୍ର ପଞ୍ଜିକରଣ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏଥିରେ ସଭାପତି ଅବଦୁଲ୍ ଗନୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ. ଜିଲ୍ଲାରେ ଥିବା ବିଭିନ୍ନ ସମ୍ପ୍ରଦାୟ ଝିଅ ବିଶେଷ କରି ମୁସଲମାନ୍, ଖ୍ରୀଷ୍ଟିୟାନ, ସୀଖ୍, ଜୈନ, ବୌଦ୍ଧ ଧର୍ମାବଲମ୍ବୀ ଝିଅମାନଙ୍କର ବିବାହ ହେବା ପାଇଁ ଦେଖାଦେଉଥିବା ଆର୍ଥିକ ଅନାଟନକୁ ଦୂର କରିବା ନିମନ୍ତେ ଏହି ସଂଗଠନ ହାତ ବଢାଇବ । ପ୍ରତି ବିବାହ ପାଇଁ ଜଣପ୍ରତି ୫୦ ହଜାର ଟଙ୍କା ସାହାଯ୍ୟ କରିବ । ବର୍ଷକୁ ୨୦୦ ଝିଅଙ୍କ ବିବାହ ପାଇଁ ବ୍ୟବସ୍ଥା କରାଯିବ । ସେହିପରି ଗରିବଗୁରୁବାମାନଙ୍କୁ ଚିକିତ୍ସା ପାଇଁ ସର୍ବାଧିକ ୨୫ ହଜାର ପର୍ଯ୍ୟନ୍ତ ସାହାଯ୍ୟ କରାଯିବ । ଏପରିକି ତଫସିଲଭୁକ୍ତ ଜାତି ଓ ଉପଜାତିର ଗରିବ ଲୋକମାନଙ୍କୁ ମଧ୍ୟ ଏ କ୍ଷେତ୍ରରେ ସୁବିଧା ଦିଆଯିବ । ସଂଗଠନର ଉପଦେଷ୍ଟା ମାନସ ପାଢୀ କହିଥିଲେ କି, ଭଦ୍ରକ, କେନ୍ଦ୍ରାପଡା ଏବଂ ବାଲେଶ୍ୱର ଜିଲ୍ଲାରେ ବହୁ ଗରିବ ସଂଖ୍ୟାଲଘୁ ପରିବାରର ପୁଅଝିଅମାନଙ୍କୁ ବୈଷୟିକ ତାଲିମ ସହ ସେମାନଙ୍କୁ ଇଂରାଜି ଓ ସାଉଦିଆରବରେ ପ୍ରଚଳିତ ଭାଷାର ଶିକ୍ଷା ଦିଆଯିବ । ଯାହା ଦ୍ୱାରା ସେମାନେ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ରଗୁଡିକରେ ଚାକିରୀ ଓ ବିଭିନ୍ନ କର୍ମ କ୍ଷେତ୍ରରେ ନିଯୁକ୍ତି ପାଇବାର ସୁଯୋଗ ପାଇପାରିବେ । ଏହି ସମ୍ମିଳନୀରେ ସଂଗଠନର ସାଧାରଣ ସମ୍ପାଦକ ମହମ୍ମଦ ଓ୍ୱାହିଦ୍ ଏବଂ କୋଷାଧ୍ୟକ୍ଷ ଅବଦୁଲ ସମଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

କାନଫୁଲିଆ ମଣିବାବାଙ୍କ ଦାନବାକ୍ସ ଚୋରୀ

ରାଜନଗର,୧୮।୬(ନିପ୍ର): ରାଜନଗର ବ୍ଲକର ଅନ୍ୟତମ ପ୍ରସିଦ୍ଧ କାନଫୁଲିଆର ମଣିବାବାଙ୍କ ଦାନ ବାକ୍ସକୁ କେହି ଦୁର୍ବୁଦ୍ଧି ଚୋରୀ କରି ନେଇଯାଇଛି । ଏନେଇ ରାଜନଗର ଥାନାରେ ମଣିବାବା କମିଟିର ସଭାପତି ମହେଶ୍ୱର ବେହେରା ଅଭିଯୋଗ କରିଛନ୍ତି । ଏହି ବ୍ଲକ ଗୁପ୍ତି ପଞ୍ଚାୟତର କାନଫୁଲିଆ ମଣିବାବାଙ୍କ ପୀଠରେ ଚୋରୀ ପ୍ରଥମ ଘଟଣା । ସମଗ୍ର ଅଞ୍ଚଳରେ ବାବାମଣିଙ୍କ ପ୍ରତି ସାଧାରଣରେ ଅଖଣ୍ଡ ବିଶ୍ୱାସ ଓ ଆସ୍ଥା ରହିଛି । ଶିବରାତ୍ରୀ ସମୟରେ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଠାକୁରଙ୍କ ଦାନବାକ୍ସ ଚୋରୀ ଘଟଣା ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ ଓ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ

କଙ୍କଡାହାଡ/କାମାକ୍ଷନଗର,୧୮।୬(ନିପ୍ର): ଆସନ୍ତା ଜୁନ୍ ୨୧ତାରିଖ "ବିଶ୍ୱ ଯୋଗ ଦିବସ" ପାଳନ ଅବସରରେ ନେହେରୁ ଯୁବ କେନ୍ଦ୍ର ଢେଙ୍କାନାଳ ଓ କୁରାଳ ବିକାଶ ସମିତି ବିରାଶାଳର ମିଳିତ ସହଯୋଗରେ ଏକ "ଯୋଗ ଅଭ୍ୟାସ" ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ମଙ୍ଗଳବାର ପୂର୍ବାହ୍ନ ସମୟରେ ଏକ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ସମିତିର ସଂପାଦକ – ମାଧବ ଚନ୍ଦ୍ର ସାହୁଙ୍କ ସହଯୋଗରେ ଯୋଗଗୁରୁ – ନିର୍ମଳ ଚନ୍ଦ୍ର ସାହୁ, ଯୋଗ ପ୍ରଶିକ୍ଷକ- ସଂଜୀବ ସାହୁ ଯୋଗ ଶିକ୍ଷାଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗ୍ରାମପଂଚାୟତ ଅଧିକାରୀ ଜଗବନ୍ଧୁ ସେନାପତି, ସ୍ୱଚ୍ଛାସେବୀ ବେବୀନା ବେହେରା ଶିକ୍ଷକ ବିଜୟ କୁମାର ଦେହୁରୀ ଯୋଗଦାନ କରିଥିଲେ । ସିମିତିର ସଭାପତି ତଥା ମୁଖ୍ୟ ଉପଦେଷ୍ଟା ବେଣୁଧର ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କଙ୍କଡାହାଡ ବ୍ଲକର ବିଭିନ୍ନ କ୍ଲବରୁ ଅଶିରୁ ଊର୍ଦ୍ଧ ସଭ୍ୟ/ସଭ୍ୟା ଯୋଗଦାନ କରିଥିଲେ । ବିରାଶାଳ ମହାବିଦ୍ୟାଳୟ ଖେଳପଡିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି କାର୍ଯ୍ୟାଳୟ ପରିସରରେ ଆମ୍ବ, ପଣସ ଭଳି ବିଭିନ୍ନ ଚାରା ରୋପଣ କରାଯାଇ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଆଗାମୀ ଦିନରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ପାଇଁ ସମସ୍ତେ ଚେଷ୍ଟା କରି ରଖିବେ ବୋଲି ସଭାପତି ଶ୍ରୀ ସେନାପତି ବାର୍ତା ପ୍ରଦାନ କରିଥିଲେ ।

ଅନାହାର ମୃତ୍ୟୁ ଅପେକ୍ଷାରେ ଥିବା ବୃଦ୍ଧା ଉଦ୍ଧାର

ଜଳେଶ୍ୱର,୧୮।୦୬(ନିପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ ଖାଦ୍ୟ ଯୋଜନା ପ୍ରଣୟନ କରି ଗଣମାଧ୍ୟମରେ ବାହାବା ନେଉଥିବା ସ୍ଥଳେ ଏହି ଯୋଜନା କେତେ ମାତ୍ରାରେ କାର୍ଯ୍ୟକାରୀ ହେଇଛି ତାହାର ନଗ୍ନ ଉଦାହରଣ ବାଲେଶ୍ୱର ଜିଲା ଜଳେଶ୍ୱର ରେ ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ, ଆଜକୁ ୭ ରୁ ୮ ଦିନ ହେବ ଜନୈକା ପରିଣତ ଅପରିଚିତ ବୃଦ୍ଧା ଜଳେଶ୍ୱର ରେଳଷ୍ଟେସନ ଆଖପାଖ ଦୋକାନୀ ମାନଙ୍କ ଠାରୁ ମାଗିଯାଚି ଖାଉଥିଲେ। ମାତ୍ର ୪ ଦିନ ହେବ ରେଳଷ୍ଟେସନର ୧ ନଂ. ପ୍ଲାଟ୍‌ଫର୍ମରେ ଥିବା ଯାତ୍ରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ବେଂଚ ଉପରେ ଅନାହାରରେ ଶୋଇଥିବା ଦେଖାଦେଇଥିଲା। ସ୍ଥାନୀୟ ଜନୈକ ସମାଜସେବୀ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଙ୍କୁ ଉକ୍ତ ବିଷୟରେ ଜଣାଇବାରୁ ସେ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମ୍ୟାନେଜର ମଣ୍ଡ



ମାଇକ୍ରୋସଫ୍ଟ ପକ୍ଷରୁ ଭାରତରେ ଏଆଇ ଡିଜିଟାଲ ଲ୍ୟାବର ଶୁଭାରମ୍ଭ

ଭୁବନେଶ୍ୱର,୧୮।୬ (ନି.ପ୍ର) : ଭବିଷ୍ୟତ ପାଇଁ ଉପଯୁକ୍ତ ଶ୍ରମ ଶକ୍ତି ଗଠନ କରିବାର ପ୍ରତିବଦ୍ଧତାକୁ ଆଗକୁ ବାଢାଇବା ପାଇଁ ମାଇକ୍ରୋସଫ୍ଟ ପକ୍ଷରୁ ଦେଶର ୧୦ଟି ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ସହ ସହଯୋଗିତା କରିଆରେ ଭାରତରେ ଏଆଇ ଡିଜିଟାଲ ଲ୍ୟାବ ସ୍ଥାପନ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସାମିଲ ହୋଇଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକ ହେଉଛି ବିଟସ ପିଲାନି, ବିଏମଏଲ ମୁଂଜାଲ ବିଶ୍ୱବିଦ୍ୟାଳୟ, ଆଇଏସବି, କଚ୍ଛତରୁ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, କେଏଲ ବିଶ୍ୱବିଦ୍ୟାଳୟ, ପେରିୟାର ବିଶ୍ୱବିଦ୍ୟାଳୟ, କାରୁଣ୍ୟ ବିଶ୍ୱବିଦ୍ୟାଳୟ, ଏସଆରଏମ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଏସଭିକେଏମ (ଏନଏମଆଇଏମଏସ) ଓ ଟ୍ରାଇଡେଂଟ ଏକାଡେମି ଅଫ ଟେକ୍ନୋଲୋଜି। ଇଟେଂଲିଜେଂଟ କ୍ଲାଉଡ ହବ କାର୍ଯ୍ୟକ୍ରମରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଅଭିନବ ସମାଧାନ ନିମନ୍ତେ ବୁଦ୍ଧିମତା ପ୍ରଯୁକ୍ତି ଓ ନୂତନ୍ ହବର ଶିକ୍ଷଣୀୟ କେନ୍ଦ୍ର ଭାବେ ଉଭା ହେବେ।

ଏଆଇ ଓ ନୂତନ ପ୍ରଯୁକ୍ତିର ଅଭ୍ୟୁଦୟ ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସଂସ୍ଥାର ସବୁ ବର୍ଗର କର୍ମଚାରୀଙ୍କୁ ଏହି ସବୁ ନିଯୁକ୍ତି ପାଇଁ ଦକ୍ଷ ହେବାକୁ ପଡ଼ିବ। ପ୍ରତିଭା କ୍ଷେତ୍ରରେ ଏଭଳି ପରିବର୍ତନ ପାଇଁ ଦକ୍ଷତା ଓ ତାଲିମ ଉପରେ ନୂତନ ଭାବନାର ଆବଶ୍ୟକତା ରହିଛି ଯାହା ଭବିଷ୍ୟତ ପାଇଁ ଉପଯୁକ୍ତ ନୂତନ ଶ୍ରମଶକ୍ତି ଓ ଜଟିଳ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରତିଭାକୁ ନିଶ୍ଚିତ କରିବ। ସଦ୍ୟତମ ମାଇକ୍ରୋସଫଟ ଓ ଆଇଡିସି ଏସିଆ/ପାସିଫିକ ସର୍ବେକ୍ଷଣ 'ଫ୍ୟୁଚର ରେଡି ବିଜନେସ: ଆସେସିଂ ଏସିଆ ପାସିଫିକସ ଗ୍ରୋଥ ପୋଟେନସିଆଲ ଥ୍ରୁ ଏଆଇ' ଅନୁସାରେ ଏଆଇକୁ ଗ୍ରହଣ କରି ବ୍ୟବସାୟକୁ ବରାନ୍ୱିତ କରିବାରେ ଭାରତୀୟ ସଂସ୍ଥାଗୁଡ଼ିକ ସାମ୍ନା କରୁଥିବା ପ୍ରମୁଖ ସମସ୍ୟାଗୁଡ଼ିକ ହେଉଛି ଦକ୍ଷତା, ସମ୍ବଳ ଓ ନିୟମିତ ଶିକ୍ଷାର ଅଭାବ। ଏହି ଅବସରରେ ମାଇକ୍ରୋସଫ୍ଟ ଇଣ୍ଡିଆ ପକ୍ଷରୁ ଏହାର ସଭାପତି, ଅନନ୍ତ ମାହେଶ୍ୱରୀ କହିଛନ୍ତିଯେ, "ଏଆଇ ମୁଖ୍ୟସ୍ରୋତରେ ପରିଣତ ହୋଇଥିବାରୁ ସଂସ୍ଥାଗୁଡ଼ିକ ବର୍ତମାନ ଥିବା ପ୍ରତିଭାମାନଙ୍କୁ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଦକ୍ଷତା ଥିବା ପ୍ରତିଭାମାନଙ୍କ ଆବଶ୍ୟକତା ପଡ଼ିବ। ଦେଶରେ ସୃଷ୍ଟି ହୋଇଥିବା ଦକ୍ଷତା ବିପ୍ଳବର ଅବିଚ୍ଛେଦ୍ୟ ଅଙ୍ଗ ହେଉଛନ୍ତି ଶିକ୍ଷାବିତ ଓ ପ୍ରତିଷ୍ଠାନୟ ସଠିକ ପ୍ରଯୁକ୍ତି ଭିତିଭୂମି, ପାଠ୍ୟକ୍ରମ ଓ ତାଲିମ କରିଆରେ, ଆମେ ଆଜିର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରି ଆସନ୍ତା କାଲିର ଭାରତ ଭାବେ ଗଠନ କରିପାରିବ।''

ଅଙ୍କୋଲୋଜିଷ୍ଟ୍ ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଡକ୍ଟର ଅନିଲ କେ ଡି'କ୍ରୁଜଙ୍କ ଯୋଗଦାନ

ଭୁବନେଶ୍ୱର,୧୮।୬ (ନି.ପ୍ର) : ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ଘୋଷଣା କରାଯାଇଛି ଯେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଅଙ୍କୋଲୋଜିଷ୍ଟ୍ (କର୍କଟ ରୋଗ ବିଶେଷଜ୍ଞ) ଡକ୍ଟର ଅନିଲ କେ ଡି'କ୍ରୁଜ୍ ଆପୋଲୋ ହସ୍ପିଟାଲ୍ ମୁମ୍ବାଇ, ଚେନ୍ନାଇ ଓ ଦିଲ୍ଲୀର ନିର୍ଦ୍ଦେଶକ - ଅଙ୍କୋଲୋଜିଷ୍ଟ୍ ଭାବେ ଯୋଗ ଦେଇଛନ୍ତି। ମୁଣ୍ଡ ଓ ବେକ ଅଙ୍କୋଲୋଜିରେ ତାଙ୍କର ବେଶ ସୁନାମ ରହିଛି। କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୩ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ ଡି'କ୍ରୁଜ୍ ଆପୋଲୋ ହସ୍ପିଟାଲ୍ କର୍କଟ ରୋଗୀମାନଙ୍କୁ ଉନ୍ନତ ମାନର ଚିକିତ୍ସା ସୁବିଧା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିବେ। ବିଶେଷ କରି ମୁଣ୍ଡ, ବେକ, ମୁଖ କର୍କଟ ଏବଂ ଥାଇରଏଡ୍, ପାରାଥାଇରଏଡ୍ ଓ ସାଲିଭାରି ଗ୍ଲାଣ୍ଡକୁ ପ୍ରଭାବିତ କରିଥିବା କର୍କଟ ରୋଗର ଚିକିତ୍ସା ପ୍ରତି ଧ୍ୟାନ ଦେବେ। ମୁଣ୍ଡ ଓ ବେକ ସର୍ଜରି ପାଇଁ ଡକ୍ଟର ଡି'କ୍ରୁଜ୍ ନ୍ୟୁୟର୍କର ସ୍ଲୋଆନ୍ କେଟରିଂ କ୍ୟାନସର ସେଂଟର, ଆମେରିକା ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟର ଲେଜର ସର୍ଜରି ଓ ଆମେରିକାର ଇଣ୍ଡିଆନାପୋଲିସରେ ଥିବା ସ୍ପିଚ୍ ରିହାବିଲିଟେସନ୍‌ରେ ସ୍ୱତନ୍ତ୍ର ତାଲିମ ହାସଲ କରିଛନ୍ତି।

ଡକ୍ଟର ଅନିଲ ଡି'କ୍ରୁଜ୍ କହିଛନ୍ତି ଯେ, "ଆପୋଲୋ ହସ୍ପିଟାଲ୍ ବୋର୍ଡରେ ଯୋଗ ଦେଉଥିବା ଓ ଅଙ୍କୋଲୋଜି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ଉନ୍ନତ ମାନର ପ୍ରଯୁକ୍ତି ଦେଶକୁ ଆଣିବାରେ ଆପୋଲୋ ହସ୍ପିଟାଲ୍ ଅଗ୍ରଦୂତ ସାଜିଛି ଏବଂ କର୍କଟ ରୋଗ ବିରୋଧରେ ଏହି ଲକ୍ଷ୍ୟରେ ସାମିଲ ହୋଇଥିବାରୁ ମୁଁ ବହୁତ ଖୁସି। ମୁଁ ଯଦିଓ ଆପୋଲୋ ହସ୍ପିଟାଲ୍ ନଭି ମୁମ୍ବାଇରେ ବସିବି, କିନ୍ତୁ ଆମର ଅଧ୍ୟକ୍ଷ ଡକ୍ଟର ପ୍ରତାପ ସି ରେଡ୍ଡିଙ୍କ ଉପଷମ ଲକ୍ଷ୍ୟକୁ ପୂରଣ କରିବା ପାଇଁ ମୁମ୍ବାଇ, ଚେନ୍ନାଇ ଓ ଦିଲ୍ଲୀ ଆଦିରେ କାମ କରିବି।''

ସନ୍ତୋଷ ମରାଠେ, ସିଓଓ, ଆପୋଲୋ ହସ୍ପିଟାଲ୍, ନଭି ମୁମ୍ବାଇ କହିଛନ୍ତି ଯେ, "ଆପୋଲୋ ହସ୍ପିଟାଲ୍‌ରେ ଆମର ଲକ୍ଷ୍ୟ ହେଉଛି ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯାହା ସୁଲଭ ଓ ସବୁ ଲୋକଙ୍କ ପାଖରେ ପହଂଚୁଥିବ। ଆପୋଲୋ ହସ୍ପିଟାଲ୍ ନଭି ମୁମ୍ବାଇ ବିଭିନ୍ନ ଅଙ୍ଗକୁ ନେଇ ବିଶେଷଜ୍ଞମାନଙ୍କ ଜରିଆରେ ପ୍ରଯୁକ୍ତିକୁ ବ୍ୟବହାର କରି କର୍କଟ ରୋଗ ପାଇଁ ବ୍ୟାପକ ଚିକିତ୍ସା ସୁବିଧା ପ୍ରଦାନ କରୁଛି। ଜେସିଆଇ ଆକ୍ରିଡେସନ ଶ୍ରେଷ୍ଠ କ୍ଲିନିକାଲ୍ ବ୍ୟବସ୍ଥା ଓ ମେଡିକାଲ୍ ଫଳାଫଳକୁ ନିଶ୍ଚିତ କରୁଛି। ଆମର ଅଭିଜ୍ଞ କ୍ଲିନିସିଆନ୍‌ମାନଙ୍କ ଟିମ୍‌କୁ ଡକ୍ଟର ଅନିଲ ଡି'କ୍ରୁଜ୍‌ଙ୍କୁ ଆମନ୍ତ୍ରଣ କରି ଆମେ ଅତ୍ୟନ୍ତ ଆନନ୍ଦିତ ଏବଂ ଆମେ ନିଶ୍ଚିତ ଯେ ତାଙ୍କ ଅଭିଜ୍ଞତାରୁ ଆପୋଲୋ ହସ୍ପିଟାଲ୍‌ର କର୍କଟ ରୋଗୀମାନେ ଲାଭବାନ ହେବେ ଏବଂ ଶ୍ରେଷ୍ଠ କର୍କଟ ରୋଗ ସେବା ହାସଲ କରିପାରିବେ।

ଡ଼ା ବାତ୍ରାଜ୍ ପକ୍ଷରୁ 'ଗୁଡ଼ ହେଲ୍‌ଥ ଆଣ୍ଡ ହୋମିଓପାଥ୍'

ଭୁବନେଶ୍ୱର,୧୮।୬ (ନି.ପ୍ର) : ଭାରତ ୨୦୧୯: ପ୍ରମୁଖ ହୋମିଓପାଥ୍ ବିଶେଷଜ୍ଞ ତଥା ପଦ୍ମଶ୍ରୀ ଗ୍ରହିତା – ଡା. ମୁକେଶ ବାତ୍ରାଙ୍କ ନିର୍ଦ୍ଦେଶାନୁକ୍ରମେ 'ଗୁଡ଼ ହେଲ୍‌ଥ ଆଣ୍ଡ ହୋମିଓପାଥ୍' ୨୦୧୯ରେ ୨୫୦ ଲକ୍ଷ ଲାଇଭ୍ ଛୁଇଁବାକୁ ଲକ୍ଷ୍ୟ ରଖିଛି, ଯାହା ଏକ ଅଭିନବ ଓ ସୂଚନାତ୍ମକ ସାମାଜିକ ଗଣମାଧ୍ୟମ ସୃଙ୍ଖଳ ଅଟେ। ପ୍ରଥମ ତିନି ମାସରେ ଏହି ସୃଙ୍ଖଳ ୭୦ ଲକ୍ଷ ଲାଇଭ୍ ଛୁଇଁ ସଫଳତା ହାସଲ କରିଛି। ଆନ୍ତର୍ଜାତୀୟ ଭାବେ ଏହି ବ୍ରାଣ୍ଡ ଦୁବାଇର ମେନା ଅଞ୍ଚଳ, ଆବୁ ଧାବି, ବାହରିଆନ୍ ଓ ବାଙ୍ଗଲାଦେଶଠାରେ ଉକ୍ତ ସୃଙ୍ଖଳର ଶୁଭାରମ୍ଭ କରିବ। ସ୍ୱତନ୍ତ୍ର ଭାବେ ଏହା ଭାରତୀୟ ଦର୍ଶକମାନଙ୍କ ପାଇଁ 'ଗୁଡ଼ ହେଲ୍‌ଥ ଆଣ୍ଡ ହୋମିଓପାଥ୍'ର ଦ୍ୱିତୀୟ ସିଜନ୍‌ର ଶୁଭାରମ୍ଭ କରିଛି, ଯାହା ୧୩ ଜୁନ୍ ୨୦୧୯ରେ ଆରମ୍ଭ ହୋଇଛି। ଏହି ନୂଆ ସ୍ଥାନ ଓ ନୂତନ ସିଜନ୍ ଏକ ଅତିରିକ୍ତ ୫୫ ଲକ୍ଷ ଲାଇଭ୍ ହାସଲ କରିବାକୁ ଲକ୍ଷ୍ୟ ରଖିଛି।

ଏହାର ଗୋଟିଏ ପ୍ରକାରର ଅନ୍ତର୍ଦୃଷ୍ଟି ସହିତ, ଔଷଧ କ୍ଷେତ୍ରରେ ୫୪ ବର୍ଷରୁ ଅଧିକ ବର୍ଷ ସତର୍କଭାବେ ଚଳାଇଆସିଥିବା ପଦ୍ମଶ୍ରୀ ଗ୍ରହିତା ସାଧାରଣ ରୋଗଗୁଡ଼ିକ ବିଷୟରେ ଅନ୍ୱେଷଣ କରୁଛନ୍ତି ଏବଂ ଔଷଧ ଓ ହୋମିଓପାଥ୍‌ରେ ଥିବା ତାଙ୍କର ଅଗାଧ ଜ୍ଞାନ ବାଣ୍ଟୁଛନ୍ତି ଏବଂ ଏହା ସହିତ ତୁରନ୍ତ ପ୍ରଦାନ କରିବା ଉପାୟ ସହ ଜୀବନକୁ ପରିବର୍ତ୍ତନ କରାଉଛନ୍ତି। ପ୍ରତ୍ୟେକ ସପ୍ତାହରେ ଏହି ସୃଙ୍ଖଳ ପ୍ରତି ଗୁରୁବାର ଫେସ୍‌ବୁକ୍, ଟ୍ୱିଟର୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ମାଧ୍ୟମରେ ପ୍ରସାରିତ ହେବାକୁ ଯାଉଛି। ଏହା ଭାରତରେ ତଥା ବିଦେଶରେ ଲୋକମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ଗୁଡ଼ିକ ଉପରେ ସମାଧାନ ପ୍ରଦାନ କରୁଛି।

'ଗୁଡ଼ ହେଲ୍‌ଥ ଆଣ୍ଡ ହୋମିଓପାଥ୍' ବିଷୟରେ ଡା. ମୁକେଶ ବାତ୍ରା କହିଛନ୍ତି, "ଭାରତରେ 'ଗୁଡ଼ ହେଲ୍‌ଥ ଆଣ୍ଡ ହୋମିଓପାଥ୍'ର ସଫଳତାକୁ ନେଇ ଅମେ ଖୁବ୍ ଆନନ୍ଦିତ ଏବଂ ଆମେ ଏବେ ଏହାକୁ ମେନା ଆଞ୍ଚଳରେ ଲୋକାମାନଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ସ୍ଥିର କରିଛୁ, ଯେଉଁମାନଙ୍କର ସଂସ୍କୃତି, ପରମ୍ପରା ଓ ଅଭ୍ୟାସ ଗୁଡ଼ିକ ଅନେକାଂଶରେ ଆମ ସହିତ ସମାନ। ଆଗାମୀ ସିଜନରେ ସାଧାରଣ ଲୋକ ପିଡ଼ିତ ହେଉଥିବା ଏକ ନୂତନ ପ୍ରକାରର ରୋଗମାନଙ୍କର ସମାଧାନ ପ୍ରଦାନ କରିବୁ। ଉଭୟ ଲାଇକ ଓ ସେୟାର ସହିତ ଆମେ ଖୁସିର ବାର୍ତ୍ତା ବଣ୍ଟନ କରୁଛୁ, ଯାହା ସାରା ଦେଶରେ ଥିବା ବିପୁଳ ସଂଖ୍ୟକ ଜୀବନଗୁଡ଼ିକୁ ପରିବର୍ତ୍ତନ କରିବାରେ ଆମକୁ ସକ୍ରିୟ କରୁଛି।"

ଯୁବପିଢିଙ୍କ ପାଇଁ ସାମ୍‌ସଙ୍ଗର ଅଭିନବ ଅଭିଯାନ

ନୂଆଦିଲ୍ଲୀ, ୧୮।୬ : ଭାରତର ଜେନ୍ ଜେଡ୍ ଓ ମିଲେନିଆଲ୍ ପାରମ୍ପରିକତାରୁ ଉପରକୁ ଯାଇ ସାମ୍‌ସଙ୍ଗ 'ଇଣ୍ଡିଆ ରେଡି ଆକ୍ଟନ' ଅଭିଯାନର ଆରମ୍ଭ କରିଛି, ଯେଉଁଥିରେ ଭିଡିଓ ମାଧ୍ୟମରେ ସେମାନେ ଚିନ୍ତାଧାରାକୁ ବ୍ୟକ୍ତ କରୁଛନ୍ତି। ଚାରି ସପ୍ତାହ ବ୍ୟାପୀ ସଫଳ ଅଭିଯାନରେ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକରେ ୧୬୧.୮ ମିଲିୟନ୍ ଏନ୍‌ଗେଜ୍‌ମେଂଟ ଦେଖାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ପଠାଯାଇଥିବା ଭିଡିଓରୁ ଏକ ଭିନ୍ନ ଭାରତକୁ ଦେଖିବାକୁ ମିଳିଥିଲା – ବାସ୍ତବ ଇଣ୍ଡିଆ ହେଉଛି ଏହାର ଯୁବପୀଢ଼ି ଦୁନିଆକୁ ଦେଖାଇବାକୁ ଚାହୁଁଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ୱଇଣ୍ଡିଆରେଡି ଆକ୍ଟନ ଟି ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ବହୁତ ଲୋକପ୍ରିୟ ହୋଇପାରିଛି। ଏହାର ମିଲେନିଆଲ୍‌ମାନେ ସାରା ଭାରତର ଅଣ-ମେଟ୍ରୋ ସହରର ଯେଉଁମାନେ ଏହି ଭିଡିଓ ପଠାଇଥିଲେ। ଏହି ଭିଡିଓ ବିଭିନ୍ନ ସ୍ଥାନରୁ ଆସିଥିଲା ଯଥା ଗାଂଗଟକ୍, ସାଙ୍ଗଲି, ପୌରି, ଜୋର୍‌ହାଟ୍, ନୟାଗଡ଼୍, କେଦାରନାଥ, ମୋର୍ବି, ଭାରୁଚ ଓ ଗାଣ୍ଡେରବାଲ୍ ଓ ଏହିପରି ଆହୁରି ଅନେକ ସ୍ଥାନ ମଧ୍ୟ ରହିଛି।

ଭାରତର ସବୁଠାରୁ ବିଶ୍ୱାସନୀୟ ଓ ଗ୍ରାହକ ଇଲେକ୍‌ଟ୍ରୋନିକ୍ ବ୍ରାଣ୍ଡ ସାମସଙ୍ଗ ଦ୍ୱାରା କରାଯାଇଥିବା ଏକ ସଦ୍ୟତମ ସର୍ଭେରୁ ଜଣା ଯାଇଥିଲା ଯେ ଭାରତ ସମ୍ବନ୍ଧରେ ବିଦେଶୀମାନଙ୍କର ଅନେକ ପାରମ୍ପରିକ ଧାରଣା ରହିଆସିଛି। ସେମାନଙ୍କ ମତରେ ତାଜ ମହଲ ଓ ରିଭର ଗଙ୍ଗା ହେଉଛି ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। ଭାରତୀୟ ଯୁବପୀଢ଼ି ଓ ଜେନ୍ ଜେଡ୍‌ଙ୍କୁ ଭିଡିଓ ଜରିଆରେ ସେମାନଙ୍କୁ ବର୍ଣ୍ଣନା କରିବା ପାଇଁ ୱଇଣ୍ଡିଆରେଡି ଆକ୍ଟନ ଅଭିଯାନ ଜରିଆରେ ଅନୁରୋଧ କରାଯାଇଥିଲା ଯଦ୍ୱାରା ଦେଶ ସମ୍ବନ୍ଧରେ ରହିଥିବା ପାରମ୍ପରିକ ଧାରଣାକୁ ଦୂର କରାଯାଇପାରିବ। ଆଜିର ଜେନ୍ ଜେଡ୍ ଓ ମିଲେନିଆଲ୍ କେବଳ କଂଟେଟ୍ ଗ୍ରାହକ ନୁହନ୍ତି, ସେମାନେ ମଧ୍ୟ କଂଟେଟ୍ ସୃଷ୍ଟି କରୁଛନ୍ତି। ସେମାନେ ମଧ୍ୟ ସାମାଜିକ ଭାବରେ ସଚେତନ।

"ସାମ୍‌ସଙ୍ଗରେ ଭାରତର ଯୁବପୀଢ଼ିମାନେ କଣ ଚାହୁଁଛନ୍ତି ତାହାକୁ ବୁଝିଛୁ। ୱଇଣ୍ଡିଆ ରେଡି ଆକ୍ଟନ ଭାରତର ଯୁବପୀଢ଼କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଥିଲା ଯେଉଁଥିରେ ସେମାନେ ଭିଡିଓ କ୍ରିଏଟ୍ କରିଥିଲେ ଓ ସେମାନେ ବାସ୍ତବିକ ଭାରତକୁ ଉପସ୍ଥାପିତ କରିବାରେ ସମର୍ଥ ହୋଇପାରିଥିଲେ। ଏହି ଅଭିଯାନରେ ସାରା ଦେଶରୁ ବହୁ ଯୁବକ ଅଂଶଗ୍ରହଣ କରିଥିଲେ ଓ ସ୍ୱତନ୍ତ୍ର ଭିଡିଓ କଂଟେଟ୍ ପଠାଇଥିଲେ ଯାହାକି ଭାରତ ସମ୍ବନ୍ଧିତ ପାରମ୍ପରିକ ଧାରଣାକୁ ଦୂର କରିବାରେ ସମର୍ଥ ହୋଇପାରିଥିଲା ବୋଲି କହିଛନ୍ତି ସାମସଙ୍ଗର ଚିଫ ମାର୍କେଟିଂ ଅଫିସର ରଞ୍ଜିଭଜିତ୍ ସିଂ ।

୫ ପୈସା ଡଟ୍ କମ୍ ପକ୍ଷରୁ ଟ୍ରେଡରଙ୍କ ପାଇଁ ସୁଲଭ ମୂଲ୍ୟର ପ୍ଲାନ୍ 'ଅପ୍‌ସନ୍ସ ଏକ୍ସ' ଘୋଷଣା

ଭୁବନେଶ୍ୱର, ୧୮।୬ (ନି.ପ୍ର) : ଭାରତର ସବୁଠୁ ସୁଲଭ ମୂଲ୍ୟର ବ୍ରୋକରେଜ୍ ସଂସ୍ଥା ୫ ପୈସା ଡଟ୍ କମ୍ ପକ୍ଷରୁ ଅପ୍‌ସନ୍ ଟ୍ରେଡିଂ ପାଇଁ ସବୁଠୁ କମ୍ ମୂଲ୍ୟର ସ୍ୱତନ୍ତ୍ର ବ୍ରୋକରେଜ୍ ପ୍ଲାନ୍ "ଅପ୍ସନ-ଏକ୍ସ'ର ଶୁଭାରମ୍ଭ ବିଷୟରେ ଘୋଷଣା କରାଯାଇଛି। ଏହା ଗ୍ରାହକମାନଙ୍କୁ ବଜାରରେ ସୁଯୋଗ ଥିବା ସମୟରେ ଲାଭ ହାସଲ କରିବାରେ ସହାୟକ ହେବ। ୫ପୈସା ଡଟ୍ କମ୍ ଆପ୍‌ର ପାଖାପାଖି ୩୦ ଲକ୍ଷ ବ୍ୟବହାରକାରୀ ରହିଛନ୍ତି ଏବଂ ଅପ୍ସନ-ଏକ୍ସ ଜରିଆରେ ଗ୍ରାହକମାନେ ସବୁ ଦିନ ଅପ୍ସନ ଏକ୍ସ କାରବାରରେ ପାଂଚ ଗୁଣା ଏବଂ ଏକ୍ସପାୟାରି ଦିବସରେ ୧୦ ଗୁଣା ସୁଯୋଗ ହାସଲ କରିପାରିବେ। ଅପ୍ସନ-ଏକ୍ସକୁ ବ୍ୟବହାର କରିବା ପାଇଁ ଗ୍ରାହକମାନଙ୍କୁ ଲଟ୍ ପିଛା ୨ ଟଙ୍କାର ଫ୍ଲାଟ୍ ଫି' ଗଣିବାକୁ ପଡ଼ିବ। ଏହି ଶୁଳ୍କ ସାରା ଶିଳ୍ପରେ ସର୍ବନିମ୍ନ। ଏହି ବିକଳ୍ପ ଇକ୍ୱିଟିରେ ଇନ୍‌ଟ୍ରା ଡେ ଅପ୍ସନରେ ମଧ୍ୟ ଲାଗୁ ହେବ ଏବଂ କରେନ୍ସି ଏବଂ କମୋଡିଟି କ୍ଷେତ୍ରରେ ଖୁବ୍‌ଶୀଘ୍ର ଯୋଗ କରାଯିବ।

"ଆମେ ୫ପୈସା ଡଟ୍ କମ୍‌ରେ ସବୁବେଳେ କମ୍ ମୂଲ୍ୟ ଓ ପ୍ରଯୁକ୍ତି ଉପରେ ଗୁରୁତ୍ୱ ଦେଉଛୁ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ବିଜୁଳି ଭଳି ବେଗ ଓ ବିନା ଡାଉନ୍‌ଟାଇମ୍ ଯୋଗୁ ଅପ୍ସନ ଟ୍ରେଡରମାନେ ଆମ ପ୍ଲାଟଫର୍ମକୁ ପସନ୍ଦ କରନ୍ତି। ଅପ୍ସନ-ଏକ୍ସ ସହିତ ଆମେ ଚଳିତ ବର୍ଷ ଗ୍ରାହକ ସଂଖ୍ୟାରେ ୧୦୦% ଅଭିବୃଦ୍ଧି ଆଶା କରୁଛୁ ବୋଲି ପ୍ରକାର୍ଶ ଗଗଦାନି, ସିଇଓ, ୫ପୈସା ଡଟ୍ କମ୍ କହିଛନ୍ତି। ୫ପୈସା ଡଟ୍ କମ୍ ହେଉଛି ଭାରତର ଏକମାତ୍ର ପଞ୍ଜୀକୃତ ଡିସ୍‌କାଉଂଟ୍ ବ୍ରୋକର୍ ଯାହାର ଦୈନିକ ହାରାହାରି କାରବାର ହେଉଛି ୨୫୦୦୦ କୋଟି ଟଙ୍କା ଏବଂ ଏହା ୨୦୧୯ ମାର୍ଚ ତ୍ରୟମାସରେ ଗ୍ରାହକ ଯୋଡ଼ିବାରେ ୧୮୫% ଅଭିବୃଦ୍ଧି ହାସଲ କରିଛି। ବିଗତ ତିନି ବର୍ଷରେ ଏହା କ୍ୟାସ୍ ବର୍ଗର ନିଜର ବଜାର ଅଂଶକୁ ୨.୪% ଓ ମୋଟ ଉପରେ ୧.୯%କୁ ବୃଦ୍ଧି କରିପାରିଛି।

ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପରିଦର୍ଶନ

ଭୁବନେଶ୍ୱର, ୧୮।୬ (ନି.ପ୍ର) : ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ କର୍ଣ୍ଣମ ସେକର ତାଙ୍କର ଦୁଇଦିନିଆ ଓଡ଼ିଶା ଗ୍ରସ୍ତ କାଳରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରୀ ସେକର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଗଣ୍ଡମୁଣ୍ଡାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ବୃନ୍ଦାବନ ନାୟକ ଓ ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବିଭିନ୍ନ କର୍ମଚାରୀ ସଂଗଠନ ପକ୍ଷରୁ ଶ୍ରୀ ସେକରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ବ୍ୟାଙ୍କକୁ ଲାଭଦାୟକ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶ୍ରୀ ସେକର କହିଥିଲେ ଯେ, ବ୍ୟାଙ୍କକୁ ଲାଭକାରୀ ଓ ସୁଦୃଢ କରିବା ପାଇଁ କର୍ମଚାରୀମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ମନୋବୃତ୍ତି ଦେବା ଆବଶ୍ୟକ। ବର୍ତ୍ତମାନ ସମୟରେ ଏନ୍‌ପିଏ ବା ଅଚଳ ଋଣ ସମୂହ ବ୍ୟାଙ୍କର ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଓ ଏହାକୁ ହ୍ରାସ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ହେବା ଦରକାର। କର୍ମଚାରୀମାନଙ୍କ ସହିତ ମତ ବିନିମୟ କାଳରେ ଶ୍ରୀ ସେକର ମନ୍ତ

ଭୁବନେଶ୍ୱର ଫେସନର ମିସ୍ ରଜ ଦିବା କାର୍ଯ୍ୟକ୍ରମ

ରୁଦ୍ରାଙ୍ଗି ବିଜେତା, ସାନି ଓ ମିନାକ୍ଷୀ ଉପ ବିଜେତା

ଭୁବନେଶ୍ୱର,୧୮।୬(ନିପ୍ର): ଭୁବନେଶ୍ୱର ଫେସନସ୍ କମ୍ୟୁନିଟିର ୨୦୦ରୁ ଅଧିକ ସଦସ୍ୟ ଶେଷ ରଜ ଦିନ ଏକତ୍ରିତ ହେବା ସହ 'ମିସ୍ ରଜ ଦିବା' କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ନାରୀ ସୁଲଭତାର ପ୍ରଦର୍ଶନ ଓ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ଝାରସୁଗୁଡ଼ା, କଟକ, ବାଲେଶ୍ୱର, ସମ୍ବଲପୁର, ପୁରୀ ଏବଂ ଜଟଣୀରୁ ପ୍ରତିଯୋଗୀମାନେ ଆସିଥିଲେ। ବ୍ୟକ୍ତିତ୍ୱ ଆଧାରରେ ଏହି ପ୍ରତିଯୋଗିତାରେ ଚୟନ କରାଯାଉଥିବାରୁ ବିଭିନ୍ନ ବର୍ଗ ଓ ବୃତ୍ତିର ପ୍ରତିଯୋଗୀ ଭାଗ ନେଇଥିଲେ। ଏପରିକି ଏହି ପ୍ରତିଯୋଗିତାରେ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଫେସନ ଓ କଳାରେ ନିଜକୁ ପ୍ରଦର୍ଶିତ କରାଇବା ଉଦ୍ଦେଶ୍ୟରେ ଦିବ୍ୟାଙ୍ଗ ପ୍ରତିଯୋଗୀମାନେ ମଧ୍ୟ ସାମିଲ ହୋଇଥିଲେ। ୧୦୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୩୦ ଜଣ ଫାଇନାଲରେ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ରୁଦ୍ରାଙ୍ଗି ହେଲିଂ ଶ୍ରେଷ୍ଠ ପ୍ରଦର୍ଶନ କରି 'ମିସ୍ ରଜ ଦିବା ୨୦୦୯' ଟାଇଟଲ୍ ହାସଲ କରିଥିଲେ। ମିସ୍ ସାନି ପଣ୍ଡା ଏବଂ ମିନାକ୍ଷୀ ପ୍ରିୟଦର୍ଶିନୀ ଏହି ପ୍ରତିଯୋଗିତାରେ ରନର୍ସ ଅପ୍ ବିବେଚିତ ହୋଇଥିଲେ। ବିଜେତାଙ୍କୁ ୩୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଇଭେଣ୍ଟ ଜ୍ୱେଲାରୀ ପାର୍ଟନର୍ ରିଦ୍‌ଭିକା ଗୋଲ୍ଡ ପକ୍ଷରୁ ଏକ ହୀରା ମୁଦି ଏବଂ ଅନ୍ୟ ଇଭେଣ୍ଟ ସହଯୋଗୀ ଉତ୍କଳ ଅମ୍ରିତା, ଓ୍ୱକ୍ ଅନ୍ ଓ ବିବିଆଇ ପକ୍ଷରୁ ବିଭିନ୍ନ ସୌଖିନ ସାମଗ୍ରୀ ବିଜେତାଙ୍କୁ ଦିଆଯାଇଥିଲା।

ବିପ୍ଳବୀ ଡ. ନାରାୟଣଙ୍କ ସ୍ମୃତିସଭା

ତିହିଡ଼ି,୧୮।୬(ନିପ୍ର): ଓଡ଼ିଶା ପ୍ରଗତିଶୀଳ ଲେଖକ, ଶିଳ୍ପୀ ଓ ବୁଦ୍ଧିଜୀବୀ ସଂଘର ଆବାହକ, 'ଅଗ୍ନିବିଣା' ପତ୍ରିକାର ସମ୍ପାଦକ, ଓଡ଼ିଶାର ବିଭିନ୍ନ ଜନ ଆନ୍ଦୋଳନର ସାଲିସବିହୀନ ଜନନେତା ବିପ୍ଳବୀ ଡ. ନାରାୟଣ କୁଣ୍ଡଙ୍କ ଷଷ୍ଠ ବାର୍ଷିକ ସ୍ମୃତିସଭା ବିଦ୍ୟାଧରପୁର ସ୍ଥିତ ନିଜସ୍ୱ ବାସଭାବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ସୁରେନ୍ଦ୍ର ତପସୁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ବର୍ଷିଆନ ଶିକ୍ଷାବିତ ନିର୍ମଳ ଚନ୍ଦ୍ର ଦଳେଇ, ଜଳଧର ଜେନା, ସତ୍ୟବ୍ରତ କୁଣ୍ଡ, କୈଳାଶ ଜେନା, କବିତା ପଟ୍ଟନାୟକ, ମଞ୍ଜୁସା କୁଣ୍ଡ, ସୁବାଷ ମହାଳିକ, ଦେବବ୍ରତ କୁଣ୍ଡ, ଲକ୍ଷ୍ମଣ କୁଣ୍ଡ, ସୁବ୍ରତ କୁଣ୍ଡ, କଟିଆ ଜେନା, ବାରିଣୀ ସାହୁ, ପବିତ୍ର ମୋହନ ଦାସ, ଯତୀନ ମହାଳିକ ପ୍ରମୁଖ ଯୋଗଦେଇ ବିପ୍ଳବୀ ଡ. ନାରାୟଣଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ଆଗାମୀ ଦିନରେ ଏକ ବ୍ୟାପକ ପଗତିଶୀଳ ସାଂସ୍କୃତିକ ଆନ୍ଦୋଳନ ଗଢ଼ି ତୋଳିବାରେ ଶପଥ ନେଇଥିଲେ।

ଡମ୍ପର ଧକ୍କାରେ ମହିଳା ମୃତ, ତୀବ୍ର ଉତ୍ତେଜନା

ଜଳେଶ୍ୱର,୧୮।୦୬(ନିପ୍ର): ଆଜି ମଂଗଳବାର ଦିବା ପ୍ରାୟ ୫ ଟାରେ ଜଳେଶ୍ୱର ଥାନା ନାମ୍ନୋ ଫାଣ୍ଡି ଅଧୀନ ବାଗପୁଂଜି ଶ୍ରୀ ଚୈତନ୍ୟଦେବ ହାଇସ୍କୁଲ ସମ୍ମୁଖରେ ଏକ ବାଲି ବୋଝେଇ ଡମ୍ପର(ନଂ.ଓଡି୦୧ଏ-୨୧୭୧) ଧକ୍କାରେ ଭୋଗରାଇ ଥାନା ଫୁଲବଣି ଗ୍ରାମର ଗୁରୁବାରୀ ପାତ୍ର(୪୨) ଙ୍କ ଶୋଚନୀୟ ମୃତ୍ୟୁଘଟିଛି। ମୃତା ଗୁରୁବାରୀ ତାଙ୍କ ସ୍ୱାମୀ ନିର୍ମାଲ୍ୟ ପାତ୍ର ଙ୍କ ସହିତ ବାଇକ ଯୋଗେ ଜଳେଶ୍ୱର ରୁ ନିଜ ଘର ଅଭିମୁଖେ ଯିବା ସମୟରେ ଉକ୍ତ ବାଲି ବୋଝେଇ ଡମ୍ପର ଟି ଦ୍ରୁତବେଗରେ ଆସି ବାଇକ୍ ପଛେ ଧକ୍କା ଦେଇଥିଲା। ଯାହାଫଳରେ ଏହି ଦୂର୍ଘଟଣା ହୋଇଥିଲା ବୋଲି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଜଳେଶ୍ୱର ପୁଲିସ ଖବରପାଇ ଦୂର୍ଘଟଣା ସ୍ଥଳରେ ପହଂଚି ଡମ୍ପର କୁ ଜବତ୍ କରିବା ସହିତ ମୃତଦେହ କୁ ଉଦ୍ଧାର କରିଛି। ଦୂର୍ଘଟଣା ପରେ ୫୭ ନଂ. ରାଜ୍ୟ ରାଜପଥ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାରେ ଦୀର୍ଘ ସମୟଧରି ଯାତାୟତ ଠପ୍ ରହିଥିଲା। ଏଠାରେ ପ୍ରକାଶଯୋଗ୍ୟ ଯେ,ଦୈନିକ ଶହ ଶହ ଡମ୍ପର ବେଆଇନ୍ ଭାବେ ଚୋରାରେ ଜଳେଶ୍ୱର ର ବିଭିନ୍ନ ବାଲି ସୈରାତରୁ ବାଲି ବୋହି ନେଇ ପଶ୍ଚିମବଂଗର ଦୀଘା,କାନ୍ଥି,ରାମନଗର ଇତ୍ୟାଦି ଅଂଚଳରେ ଚାଲାଣକରି ବଂଗ ଓ ଆମରାଜ୍ୟ ବାଲିମାଫିଆ ମାନେ ରାତାରାତି ମାଲାମାଲ ହେଉଛନ୍ତି। ଯାହାଫଳରେ ରାସ୍ତାରେ ଯିବାଆସିବା କରୁଥିବା ନିରୀହ ପଥଚାରୀ ଓ ବାଇକ୍ ଆରୋହୀ ଅଧିକାଂଶ ସମୟରେ ଏହିଭଳି ଦୂର୍ଘଟଣାଜନିତ ମୃତ୍ୟୁର ଶିକାର ହେବାରେ ଲାଗିଛନ୍ତି। ଏହି ସମସ୍ୟା ପ୍ରତି ପୁଲିସ ଓ ପ୍ରଶାସନ ଯଥାଶୀଘ୍ର ଦୃଷ୍ଟି ନ ଦେଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପୋଡ଼ିଯାଇଛି ଛତ୍ରପଦା ପାନୀୟଜଳ ପ୍ରକଳ୍ପର ବିଦ୍ୟୁତ୍ ମୋଟର

୫ ହଜାର ଲୋକଙ୍କର ୫ ଦିନ ହେଲା ମେଣ୍ଟୁନି ଶୋଷ

ତିହିଡ଼ି,୧୮।୬(ନିପ୍ର): ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତରେ ଥିବା ଛତ୍ରପଦା ପାଇପ ମାଧ୍ୟମରେ ପାନୀୟ ଜଳ ପ୍ରକଳ୍ପଟିର ବିଦ୍ୟୁତ ମୋଟର ପୋଡ଼ିଯିବା ଫଳରେ ପଞ୍ଚାୟତବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫ ଦିନ ହେଲା ଏହି ପ୍ରକଳ୍ପରେ ମୋଟରଟି ପୋଡ଼ିଯାଇଛି। ଫଳରେ ୫ ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇଛି। ଉଭୟ ଛତ୍ରପଦା ଓ ନରେନ୍ଦ୍ରପୁର ଗ୍ରାମର ୧୧ ଗୋଟି ୱାର୍ଡ଼ର ୫ ହଜାର ଲୋକ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତରେ ଯେଉଁ ନଳକୂପ ଗୁଡ଼ିକ ରହିଛି ସେଥିରେ ଜଳ ମଧ୍ୟ ବାହାରୁନାହିଁ। ବାଲ୍‌ତିଏ ପାଣି ବାହାର କରିବାପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ଯେଉଁ ନଳକୂପରୁ ପାଣି ଠୋପାଏ ବାହାରୁଛି ସେଠାରେ ନାହିଁ ନଥିବା ଭିଡ଼। ବର୍ଷା ହେଉନଥିବା କାରଣରୁ ପଞ୍ଚାୟତରେ ଥିବା ପୋଖରୀ ଦୁଇଟି ଶୁଖିଯାଇଛି। ସେହିପରି ଯୋରରେ ପାଣି ଲୁଣିଆ ହୋଇଯାଇଛି। ଗାଇଗୋରୁ, ଜୀବଜନ୍ତୁ ଗୁଡ଼ିକ ପିଇବା ପାଇଁ ପାଣି ଠୋପେ ପାଉନାହାନ୍ତି। ଏପରି ପରିସ୍ଥିତିରେ ତୁରନ୍ତ ବିଦ୍ୟୁତ ମୋଟର ମରାମତି କରିବାକୁ ଦାବି ହୋଇଛି।

ସାରା ଓଡ଼ିଶାରେ ଚହଳ ସୃଷ୍ଟି କରୁଛି ରୋମାଣ୍ଟିକ ଆଲ୍‌ବମ୍ 'ଅନାମିକା ଗୋରୀ'

ଭୁବନେଶ୍ୱର,୧୮।୬(ନିପ୍ର): 'ଲଗ୍ନା ମୁଭିଜ୍'ର ପ୍ରଥମ ପ୍ରସ୍ତୁତ ଓଡ଼ିଆ ଆଲ୍‌ବମ୍ 'ଅନାମିକା ଗୋରୀ'ର ଅଡ଼ିଓ ରିଲିଜ୍ ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୀତରେ କଣ୍ଠଦାନ କରିଛନ୍ତି ଓଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟଂ ପାଢୀ ଓ ଶୁଭଶ୍ରୀ ତ୍ରିପାଠୀ। ଏହାକୁ ଗୀତ ଓ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ତ୍ରିପାଠୀ ଓ ଗୀତକୁ ପ୍ରଯୋଜନା କରିଛନ୍ତି ଯୁବ ସମାଜସେବୀ ଲଗ୍ନାଦୀପା ମିଶ୍ର। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସାଧାରଣ ସମ୍ପାଦକ ଇଂ ଜଗବନ୍ଧୁ ଷଡ଼ଙ୍ଗୀ, ନିର୍ଦ୍ଦେଶକ ବାପୁ ଓଝା, ସମାଜସେବୀ ମୀରା ପରିଡ଼ା, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବଲିଉଡ୍ ଅଭିନେତା ସାଇରାମ ଗାନ୍ଧୀ, ସମାଜସେବୀ ମନସ୍ୱିନୀ ଜେନା, ଲକ୍ଷ୍ମୀସାଗର ଥାନା ଭାରପ୍ରାପ୍ତ ଅଧିକାରୀ ଦୟାନିଧି ନାୟକ, ସମାଜସେବୀ ସଂଗ୍ରାମ କେଶରୀ ପାଇକରାୟ, ଓଡ଼ିଆ ଧାରାବାହିକ ଅଭିନେତା ବୁଲୁ ପଣ୍ଡା, ଜ୍ଞାନେନ୍ଦ୍ର ପଲାଇ, ମୁନ୍ନୁ ପାଗଳ, ଧୀରେନ୍ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ତ୍ରିପାଠୀ ଓ ପ୍ରଯୋଜିକା ଲଗ୍ନାଦୀପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ନାରାୟଣ ଓଝା ଓ ରାଜକୁମାର।

ପତିତପାବନ ମନ୍ଦିର ଓ ରାଧାରମଣ ମଠରେ ସ୍ନାନ ପୂର୍ଣ୍ଣିମା ଉତ୍ସବ

ପଟ୍ଟାମୁଣ୍ଡାଇ,୧୮।୬(ନିପ୍ର): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ଶ୍ରୀ ଶ୍ରୀ ପତିତପାବନ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ବୈଦିକ ରୀତିନୀତିରେ ପାଳିତ ହୋଇଛି । ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପରେ ବିଜେ କରାଯିବା ପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ୧୦୮ ଜଳ କଳସରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯିବା ସହିତ ସ୍ନାନ ପୂର୍ଣ୍ଣିମା ସମସ୍ତ ବୈଦିକ ରୀତିନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ଗଜବେଶ ଅନୁଷ୍ଠିତ କରାଯାଇଥିଲା । ସନ୍ଧ୍ୟାରେ ଦଶଅବତାର ସ୍ତୋତ୍ର ପାଠ ସହିତ ନାମସଂକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଆଜି ଦିନ ଠାରୁ ଶ୍ରୀଜୀଉମାନଙ୍କୁ ଅଣସର ଘରେ ଅବସ୍ଥାପିତ କରାଯିବା ପରେ ଗୁପ୍ତ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ଉପସଭାପତି ଡ. ନରହରି ଲେଙ୍କା, ସଂପାଦକ ଈଶ୍ୱର ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ଶୁକଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସେହିପରି ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ମଠର ମହନ୍ତ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପରେ ବିଜେ କରାଯିବା ପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ୧୦୮ ଜଳ କଳସରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯିବା ସହିତ ସ୍ନାନ ପୂର୍ଣ୍ଣିମା ସମସ୍ତ ବୈଦିକ ରୀତିନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ଗଜବେଶ ଅନୁଷ୍ଠିତ କରାଯାଇଥିଲା । ସନ୍ଧ୍ୟାରେ ଦଶଅବତାର ସ୍ତୋତ୍ର ପାଠ ସହିତ ନାମସଂକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଆଜି ଦିନ ଠାରୁ ଶ୍ରୀଜୀଉମାନଙ୍କୁ ଅଣସର ଘରେ ଅବସ୍ଥାପିତ କରାଯିବା ପରେ ଗୁପ୍ତ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜଣାପଡିଛି ।

ବହି ମଣିଷ ଅକ୍ଷୟଙ୍କୁ ତ୍ୟାଗଭୂମି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୧୮।୬ : ଭଦ୍ରକ ପୁସ୍ତକ ମେଳାର ଆଦ୍ୟ ପ୍ରତିଷ୍ଠାତା ସମ୍ପାଦକ ବହି ମଣିଷ ଅକ୍ଷୟ ବାରିକ୍‌ଙ୍କୁ ଆଜି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କଲେଜ ରୋଡ ସ୍ଥିତ ତ୍ୟାଗଭୂମି ଭବନରେ ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ସମ୍ମେଳନର ସଭାପତି ଅଜୟ ନାୟକ ସ୍ୱର୍ଗତ ଅକ୍ଷୟ ବାରିକ୍‌ଙ୍କ ଫଟୋଚିତ୍ରରେ ପୁଷ୍ପ ଧୂପ ଅର୍ପଣ କରି ଆରମ୍ଭ କରିଥିଲେ । ୨ ମିନିଟ ନିରବ ପ୍ରାର୍ଥନା ପରେ ଶ୍ରୀ ନାୟକ ପ୍ରାକ୍ ସୂଚନା ପ୍ରଦାନ କରିଥିବା ବେଳେ ସୁଧାକର ରାଉତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଶିଷ୍ଟ ଗାଳ୍ପିକ ଡ. ରାଧା ବିନୋଦ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଅକ୍ଷୟ ଭଦ୍ରକରେ ପୁସ୍ତକ ମେଳା କରି ପାଠକମାନଙ୍କୁ ବହି କିଣିବା ଓ ପଢିବା ଦିଗରେ ଯେଉଁ ଆଗ୍ରହ ସୃଷ୍ଟି କରାଇଛନ୍ତି ତାହା ଚିର ସ୍ମରଣୀୟ । ବହୁ ପ୍ରତିଦ୍ୱନ୍ଦିତା ମଧ୍ୟରେ ସେ ଏକାକୀ ଯୁଦ୍ଧ କରି କେବଳ ଭଦ୍ରକ ନୁହେଁ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁସ୍ତକ ମେଳା କରି ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ପ୍ରତିଭା ଚିର ଅମଳିନ ବୋଲି ଶ୍ରୀ ନାୟକ କହିଥିଲେ। ପ୍ରଫେସର ରାଜକିଶୋର ସାହୁ, ସେବାନିବୃତ ପ୍ରଧାନ ଶିକ୍ଷକ ଶାନ୍ତନୁ ରାଉତ, ପ୍ରଧାପକ ରାଧାରାଣୀ ମହାପାତ୍ର, ପ୍ରଫେସର କମଳାକାନ୍ତ ସ୍ୱାଇଁ, ଗୋବର୍ଦ୍ଧନ ସାମଲ, ବୈଲୋଚନ ବେହୁରିଆ, ପ୍ରଫେସର ଅଟଳ ବିହାରୀ ନାୟକ, ଅଧାପକ ବିଶ୍ୱରଂଜନ ଦାସ, ଅଧାପକ ଡ. ଅଭୟ ଦାସ, ଅଧାପକ କିଶୋର ପାଣିଗ୍ରାହୀ, କବି ଦିବ୍ୟସିଂହ ଦାସ ଅଧିକାରୀ, ଶିଳ୍ପୀ ଅଶୋକ ମହାନ୍ତି, ଶକୁନ୍ତଳା ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ତିହିଡି ଜୀବନ ଜ୍ୟୋତି ସଂଗଠନର ସମ୍ପାଦକ ଧୀରେନ୍ଦ୍ର ସାହୁ, ଅଧାପକ ନାସିର ବକ୍ସ, ଚନ୍ଦ୍ରଶେଖର ନାୟକ, ରତିକାନ୍ତ ବେହେରା, ବିଜୟ କୁମାର ଜେନା, ବସୁମିତ୍ରା ସାହୁ, ସାମ୍ବାଦିକ ତପନ ମିଶ୍ର, ପ୍ରମୋଦ ରାୟ, ଗୌରହରି ନାୟକ, ଜୟଜଗନ୍ନାଥ ମଲ୍ଲିକ, କବି ଚର୍ଚ୍ଚିକା ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଯୋଗ ଦେଇ ଅକ୍ଷୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଗାମୀ ୨୫ ତାରିଖରେ ତାଙ୍କ ନିମନ୍ତେ ଏକ ବଡ ଧରଣର ଶ୍ରଦ୍ଧାଞ୍ଜଳି ସଭା କରାଯିବା ସହିତ ତାଙ୍କ ସ୍ମୃତିରେ ଏକ ସ୍ମରଣିକା ପୁସ୍ତିକା ପ୍ରକାଶ ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା ।

ରାମଚନ୍ଦ୍ର ବାରିକଙ୍କ ଦୁଇ ଆଧାମ୍ବିକ ପୁସ୍ତକ ଲୋକାର୍ପିତ

ଆଧାମ୍ବିକ ପୁସ୍ତକ ଚୈତନ୍ୟ ଜାଗୃତି କରେ

ତିହିଡ଼ି,୧୮।୬(ନିପ୍ର): ସ୍ଥାନୀୟ ସିନ୍ଦୋଳ ପଞ୍ଚାୟତର ସିନ୍ଦୋଳ ଉଚ୍ଚବିଦ୍ୟାପୀଠ ପରିସରରେ ଶିକ୍ଷାବିତ୍ ଓ ବର୍ଷିୟାନ କବି ରାମଚନ୍ଦ୍ର ବାରିକଙ୍କ 'ଶ୍ରୀଏକାଦଶୀ ଗୀତା' ଓ 'ଶ୍ରୀସମର୍ପଣ ଗୀତା' ଆଧାମ୍ବିକ ପୁସ୍ତକ ଦ୍ୱୟ ଲୋକାର୍ପିତ ହୋଇଯାଇଛି। ଶିକ୍ଷାବିତ୍ ସାହିତ୍ୟିକ ଗଗନବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିମୁଳିଆ ବିଡ଼ିଓ ତଥା ବିଶିଷ୍ଟ ସ୍ତମ୍ଭକାର ଡ. ନରହରି ବେହେରା ଯୋଗଦେଇ ଆଧାମ୍ବିକ ପୁସ୍ତକ ଲୋକଙ୍କ ଚେତନ୍ୟ ଜାଗୃତି କରାଇବା ସହିତ ସମାଜ ସଂସ୍କାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅଧାପକ ବିଶ୍ୱରଂଜନ ଦାସ ଯୋଗଦେଇ ଆଜିର ବସ୍ତୁବାଦୀ ଜଗତରେ ପୂଜାର୍ଚ୍ଚନା ଓ ଯୋଗାଚାରକୁ ନେଇ କବି ଶ୍ରୀ ବାରିକ୍‌ଙ୍କ ରଚିତ ପୁସ୍ତକ ଦ୍ୱୟର ସାର୍ବକାଳୀକ ମୂଲ୍ୟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଓ ବକ୍ତା ଭାବେ ସାହିତ୍ୟିକ ଉମାକାନ୍ତ ମିଶ୍ର, ସମାଜସେବୀ ପାର୍ଥସାରଥୀ ନାୟକ, ଅଧାପକ ନୀହାରରଂଜନ କର, ଶିଶୁ ସାହିତ୍ୟିକ ଇ. ଅରୁଣ ପଣ୍ଡା, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ନାଥ ପାଣି , ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡା, ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଭକ୍ତିଭାବନା ଓ ଆଧମ୍ବିକତା ମଣିଷର ଉତ୍ତରଣର ପ୍ରୟାସ ବୋଲି ମତ ଦେଇଥିଲେ। ପୁସ୍ତକର ରଚୟିତା ଶ୍ରୀ ବାରିକ ପ୍ରାଚୀନ ତଥା ଲୋକପ୍ରିୟ ଶୈଳୀରେ ଏ ଭଳି ଆଧାମ୍ବିକ ପୁସ୍ତକ ରଚନା ସମ୍ପର୍କୀତ ପ୍ରେରଣା ସମ୍ପର୍କରେ ଅଭିମତ ରଖିଥିଲେ। ଶିକ୍ଷକ ସୁବାସଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ କବି ରବିକୁମାର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ସୁଦର୍ଶନ ନାୟକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ପ୍ରାରମ୍ଭିକ ସଙ୍ଗୀତ ପରିବେଷିତ ହୋଇଥିଲା। ପୁସ୍ତକର ପ୍ରକାଶିକା ରାଧାରାଣୀ ବାରିକ୍, ଶୁଭଲକ୍ଷ୍ମୀ ଦାସ, ମୁଦ୍ରାକାର ରାଜେଶ ସେଠୀ, କ୍ଷେତ୍ରବାସୀ ଦାସ, ସରଳସୁନ୍ଦର ବାରିକ୍, କବି ବିଭୂତିଭୂଷଣ ସେନାପତି, ଆଶୁତୋଷ କରଣ, ବିଶ୍ୱମୈତ୍ରୀ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ କବି ସୁଧାରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

କୃତିମ ବନ୍ୟାର ସମାଧାନ ପାଇଁ ସଦର ବିଧାୟକଙ୍କ ମାଷ୍ଟର ପ୍ଲାନ

ବାଲେଶ୍ୱର,୧୮/୬(ନି.ପ୍ର): ବାଲେଶ୍ୱରବାସୀଙ୍କ ବହୁ ପ୍ରତିକ୍ଷିତ ସମସ୍ୟାର ସମାଧାନ ପାଇଁ ସଦରର ନବନିର୍ବାଚିତ ବିଧାୟକ ମଦନ ମୋହନ ଦତ୍ତ ସହରର ଷ୍ଟେସନ ଛକ ଠାର

ଏଣିକି କଡାକଡି ହେବ ରାଜ୍ୟର ସ୍କୁଲ ସୁରକ୍ଷା

ସବୁ ସ୍କୁଲ ଆଗରେ ଲାଗିବ ସିସି କ୍ୟାମେରା

ଭୁବନେଶ୍ୱର, ୧୮।୬ (ନି.ପ୍ର.): ରାଜ୍ୟର ଉଭୟ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲର ପାଠପଢ଼ା ବ୍ୟବସ୍ଥା ଏବଂ ଶିକ୍ଷାଦାନ ପଦ୍ଧତି ଅନୁଧ୍ୟାନ ଲାଗି ଫାଟକ ଆଗରେ ପ୍ରଥମଥର ପାଇଁ ସିସି କ୍ୟାମେରା ଲଗାଇବାକୁ ନିଷ୍ପତି ହୋଇଛି । ଏହାଦ୍ୱାରା ସ୍କୁଲର ଦୈନିକ ଘଟୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ପିଲାଙ୍କ ଗତିବିଧିକୁ ନଜର ରଖାଯିବ । ବିଶେଷକରି ଛାତ୍ରଛାତ୍ରୀଙ୍କ ସ୍କୁଲକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ନଜର ରଖିବା ସହ ସେମାନେ କେଉଁ କାର୍ଯ୍ୟରେ ତାଙ୍କର ସମୟ ଅତିବାହିତ କରୁଛନ୍ତି ତାହା ଉପରେ ନଜର ଦିଆଯିବ । ତେବେ ପ୍ରତି ମାସରେ ୨ଥର ସିସି କ୍ୟାମେରା ଫୁଟେଜ୍ ସରକାରଙ୍କ ପାଖରେ ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଏହାବ୍ୟତୀତ ସବୁ ସ୍କୁଲର ସିସି ଟିଭି ଫୁଟେଜ ଯାଂଚ କରିବା ଲାଗି ଏକ ଆଇଟି ସଂସ୍ଥାକୁ ଦାୟିତ୍ୱ ଦିଆଯିବ । ଫଳରେ ରାଜ୍ୟର ମୋଟ୍ ୬୭ହଜାର ୯୬୧ ସ୍କୁଲରେ ଖୁବଶୀଘ୍ର ସିସି ଟିଭି ବ୍ୟବସ୍ଥା ହେବ । ତେବେ ଯେଉଁ ସବୁ ସ୍କୁଲରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି ସମ୍ପୃକ୍ତସ୍କୁଲରେ ସିସି କ୍ୟାମେରା କିପରି କାର୍ଯ୍ୟକ୍ଷମ କରୁଛି ତା'ର ରିପୋର୍ଟ ଦାଖଲ କରିବା ଲାଗି କୁହାଯାଇଛି । ରାଜ୍ୟରେ 'ସମଗ୍ର ଶିକ୍ଷା' ଲାଗୁହେବା ପରେ ସବୁ ସ୍କୁଲର ରୂପରେଖ ପରିବର୍ତନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହେଉଛି । ସ୍କୁଲଗୁଡ଼ିକର ଭିତିଭୂମି, ଶିକ୍ଷକଙ୍କ ନିଯୁକ୍ତି, ପାଠପଢ଼ା ଶୈଳୀ ଆଦି ଯାଂଚ କରିବା ଲାଗି ସାଥି-ଇ ଆରମ୍ଭ ହୋଇଥିବା ବେଳେ ସ୍କୁଲ ପରିସରରେ ଦୈନନ୍ଦିନ ଘଟୁଥିବା ବିଭିନ୍ନ ଘଟଣାକୁ ମଧ୍ୟ ତଦାରଖ କରାଯିବ । ତେବେ ପ୍ରଥମ ପର୍ଯ୍ୟାୟରେ ୩୬ହଜାର ୭୦ ପ୍ରାଥମିକ ସ୍କୁଲ, ୨୨ହଜାର ୧୯ଟି ଉଚ୍ଚପ୍ରାଥମିକ ସ୍କୁଲ ସମେତ ୯ହଜାର ୮୭୨ଟି ମାଧ୍ୟମିକ ସ୍କୁଲଗୁଡ଼ିକରେ ସିସିକ୍ୟାମେରା ଲଗାଯିବ । ଏନେଇ ଏକ ଟେକ୍ନିକାଲ କମିଟି ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ ସ୍କୁଲ ପରିଦର୍ଶନ କରି ରିପୋର୍ଟଦାଖଲ କରିବେ । ଏହାବ୍ୟତୀତ ସିସି କ୍ୟାମେରାର ଫୁଟେଜକୁ ସ୍କୁଲର ପ୍ରଧାନଶିକ୍ଷକ ଯେପରି ମୋବାଇଲ କିମ୍ବା କମ୍ପ୍ୟୁଟର ସିଷ୍ଟମ ମାଧ୍ୟମରେ ସବୁ ସମୟରେ ଦେଖିପାରିବେସେ ବ୍ୟବସ୍ଥା ମଧ୍ୟ କରାଯିବ । ସିସି କ୍ୟାମେରା ବ୍ୟବସ୍ଥାରେ ପ୍ରାୟ ୨୪କୋଟି ଟଙ୍କା ବ୍ୟୟ ହେବ । ପିଲାଙ୍କ ସୁରକ୍ଷା ସାଙ୍ଗକୁ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ କେତେବେଳେ ସ୍କୁଲରେ ପହଂଚୁଛନ୍ତି ଏବଂ ବିଦ୍ୟାଳୟ ଛୁଟି ହେବାପରେ ଶିକ୍ଷକଙ୍କ ପ୍ରସ୍ଥାନ ମଧ୍ୟ ତଦାରଖ କରାଯିବ । ଏହା ବ୍ୟତୀତ ଅନେକ ସମୟରେସ୍କୁଲ ଆସିବା ପରେ କିଛି ଶିକ୍ଷକ ବିଭିନ୍ନ କାର୍ଯ୍ୟରେ ବାହାରକୁ ଚାଲିଯାଇଥାନ୍ତି । ମାତ୍ର ସ୍କୁଲ କାର୍ଯ୍ୟ ବାହାନାରେ ଯିବା ପରେ ଆଉ ସ୍କୁଲ ଆସିନଥାନ୍ତି । ଏଣିକି କେଉଁ ଶିକ୍ଷକ ତଥା କର୍ମଚାରୀ ସ୍କୁଲ ସମୟ ମଧ୍ୟରେ କେତେ ବେଳେ ବାହାରକୁ ଯିବେ ଏବଂ କେତେବେଳେ ଫେରିବେ ତାହା ସିସି କ୍ୟାମେରା ମାଧ୍ୟମରେ ଧରାପଡ଼ିବ । ଅପରପକ୍ଷେ ରାଜ୍ୟରେ ଯେଉଁ ୧୧୮୦ ସ୍କୁଲରେ ପିଲାଙ୍କ ସଂଖ୍ୟା କମ୍ ଥିବାରୁ ତାଲା ପଡ଼ିଛି ସେ ସବୁ ସ୍କୁଲକୁ ଏଥିରୁ ବାଦ ଦିଆଯାଇଛି ।

ରାଇରଙ୍ଗପୁର ମ୍ୟୁନିସିପାଲିଟି ପକ୍ଷରୁ ପଲିଥିନ ଜବତ

ରାଇରଙ୍ଗପୁର, ୧୮।୬ (ନି.ପ୍ର.): ରାଇରଙ୍ଗପୁର ମ୍ୟୁନିସିପାଲିଟିରେ ଜୁନ ୧୭ ତାରିଖଠାରୁ ପଲିଥିନ ବିକ୍ରୀ ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯିବ ବୋଲି ପୂର୍ବରୁ ୧୧ତାରିଖ ଦିନ ପୌର ପ୍ରଶାସନ ଏବଂ ବଣିକ ସଂଘ ମଧ୍ୟରେ ଏକ ମିଳିତ ବୈଠକରେସହମତି ପ୍ରକାଶ ପାଇ ସର୍ବସମ୍ମତ ନିଷ୍ପତି ଗୃହୀତ ହୋଇଥିଲା । ଗତ ୧୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଏନେଇ ମ୍ୟୁନିସିପାଲିଟିର ୧୫ଟି ୱାର୍ଡରେ ଡାକବାଜି ଯନ୍ତ୍ରଯୋଗେ ପ୍ରଚାର ତଥା ପ୍ରଚାରପତ୍ର ମାଧ୍ୟମରେ ହୋଲସେଲର, ଦୋକାନୀ ଓ ଗ୍ରାହକମାନଙ୍କୁ ବ୍ୟାପକ ଭାବେ ସଚେତନ ମଧ୍ୟକରାଯାଇଥିଲା । ସେହି ଅନୁଯାୟୀ ଆଜିଠାରୁ ସ୍ଥାନୀୟ ଅଂଚଳର ଦୋକାନ ବଜାରରେ ପଲିଥିନର ବିକ୍ରୀ ଓ ବ୍ୟବହାର ଉପରେ ଅନୁଧ୍ୟାନ କରିବା ପାଇଁ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନ ଗସ୍ତକରିଥିଲା । ଏହି ଟିମ ସ୍ଥାନୀୟ ମୁଖ୍ୟ ବଜାରର ୩ଟି ହୋଲସେଲ ଦୋକାନ ଉପରେ ଚଢଉକରି ପ୍ରାୟ ୩୦କେଜି ପଲିଥିନ/କ୍ୟାରିବ୍ୟାଗ ଜବତ କରିବା ସହିତ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି । ଏଣିକି ନିୟମିତ ଭାବେ ପର୍ଯ୍ୟାୟକ୍ରମେ ଚଢଉ ଅଭିଯାନ ଓ ଜରମାନା ଆଦାୟ ସହତ ସଚେତନତା କାର୍ଯ୍ୟକ୍ରମ ଜାରିରହିବ ବୋଲି ଇଓ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

ବାତ୍ୟାଞ୍ଚଳ ପୁନରୁଦ୍ଧାର ଲାଗି ବାକାର୍ଡି ଇଣ୍ଡିଆ ପକ୍ଷରୁ ୨୫ ଲକ୍ଷ ସହାୟତା

ଭୁବନେଶ୍ୱର, ୧୮।୬ (ନି.ପ୍ର): ଗତ ମେ' ମାସ ୩ ତାରିଖରେ ଓଡ଼ିଶା ଉପକୂଳରେ ହୋଇଥିବା ବାତ୍ୟା 'ଫନୀ' ରେ ପ୍ରଭାବିତ ହୋଇଥିବା ଅଞ୍ଚଳର ପୁନଃରୁଦ୍ଧାର ନିମନ୍ତେ ବାକାର୍ଡି ଇଣ୍ଡିଆ ତରଫରୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

ଆଜି ରାଜ୍ୟ ସଚିବାଳୟଠାରେ ବାକାର୍ଡି ଇଣ୍ଡିଆ ପକ୍ଷରୁ ଶ୍ରୀ ସରୋଜ କୁମାର ଦାଶ, କ୍ଲଷ୍ଟର ହେଡ୍, (ଓଡ଼ିଶା, ବିହାର, ଝାରଖଣ୍ଡ) , ଶ୍ରୀ ପ୍ରବୋଲ ଦତ୍ତା, ଜୋନାଲ ହେଡ୍, ଶ୍ରୀ ବରୁଣ କୁମାର, ଷ୍ଟେଟ୍ ହେଡ୍ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ସହାୟତା ରାଶି ସ୍ୱରୂପ ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ।

ବାକାର୍ଡି ଇଣ୍ଡିଆ ତରଫରୁ କୁହାଯାଇଛି ଯେ, " ଓଡ଼ିଶାରେ ଏହି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ହୋଇଥିବା ଧନଜୀବନ ଏବଂ ସମ୍ପତ୍ତିର କ୍ଷୟକ୍ଷତି ଯୋଗୁ ଆମେ ଅତ୍ୟନ୍ତ ମର୍ମାହତ ଏବଂ ଏହି ଦୁଃଖ ସମୟରେ ଆମେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ସହାୟତା ନିମନ୍ତେ ସର୍ବଦା ପ୍ରସ୍ତୁତ ରହିଛୁ । ପରିବାରର ଏବଂ ଧନଜୀବନର କ୍ଷୟ ସର୍ବଦା ଅପୂରଣୀୟ, ତଥାପି ଏହି ଦୁଃଖ ସମୟରେ ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟ ନିମନ୍ତେ ଆମର ଏହି ୨୫ ଲକ୍ଷ ଟଙ୍କାର ସହାୟତା ଯୋଗଦାନକୁ ଗ୍ରହଣ କରିବେ ବୋଲି ଆମେ ଆଶା କରୁଛୁ ।"

ଏମ୍‌ସ, ଭୁବନେଶ୍ୱର ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୧୮।୬ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ପ୍ରଦାନ କରିବା ନିମନ୍ତେ ଆଜି ଏଆଇଆଇଏମ୍‌ଏସ୍ ଭୁବନେଶ୍ୱର ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ , ବିଭାଗର କମିଶନର ତଥା ଶାସନ ସଚିବ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା , ଏଆଇଆଇଏମ୍‌ଏସ୍ ଭୁବନେଶ୍ୱର ନିର୍ଦ୍ଦେଶିକା ଡାଃ ଗୀତାଞ୍ଜଳୀ ବି ଏବଂ ଅନ୍ୟାନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟରେ ଗତ ୨୦୧୮ ଅଗଷ୍ଟ ୧୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିଥିଲେ । ସେଥିରେ ୧୯୬ ଘରୋଇ ଡାକ୍ତରଖାନା ତାଲିକାଭୁକ୍ତ ହୋଇଥିବା ବେଳେ ଆଜି ଏଆଇଆଇଏମ୍‌ଏସ୍ ଭୁବନେଶ୍ୱର ସେଥିରେ ଯୋଡି ହୋଇଛି । ମନ୍ତ୍ରୀ ଶ୍ରୀ ଦାସ ଆଜି ବିଭିନ୍ନ ଘରୋଇ ଡାକ୍ତରଖାନା ଗୁଡିକର କର୍ମକର୍ତାମାନଙ୍କ ସହିତ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିନାମୂଲ୍ୟରେ ଚିକିତ୍ସା ପ୍ରଦାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ । କୌଣସି ପରିସ୍ଥିତିରେ ଗରିବ ଲୋକମାନେ ଯେପରି ଘରୋଇ ଡାକ୍ତରଖାନାମାନଙ୍କରେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି । ଘରୋଇ ଡାକ୍ତରଖାନା ଗୁଡିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେମାନଙ୍କ ଡାକ୍ତରଖାନାରେ ଯୋଗାଇ ଦେଉଥିବା ଚିକିତ୍ସା ସଂପର୍କିତ ରିପୋର୍ଟ , ପ୍ରତି ମାସରେ କେତେଜଣ , କେଉଁ ଅଂଚଳର ,କେଉଁ ପ୍ରକାର ରୋଗ, ସିଧାସଳଖ ଆଡମିଶନ ହୋଇଛନ୍ତି କିମ୍ବା ସିଡିଏମ୍‌ଓଙ୍କ ଦ୍ୱାରା ରେଫର ହୋଇ ଆସିଛନ୍ତି ,ସେ ସବୁର ଚିକିନିଖି ବିବରଣୀ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି । ସେହିପରି ଘରୋଇ ଡାକ୍ତରଖାନା ମାନଙ୍କର ଏ ବାବଦ ବିଲ୍ ପ୍ରଦାନକୁ ଡିଏମ୍‌ଇଟି ତ୍ୱରାନ୍ୱିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ସବୁ ବିଲ୍ ବାକି ରହିଛି ବା ଆସିବ ସେ ସବୁକୁ ତୁରନ୍ତ ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ।

ଓଡିଆ ଯବାନ ଅଜିତ୍‌ଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, ୧୮/୬ (ନି.ପ୍ର.): ଜାମ୍ମୁ ଓ କାଶ୍ମୀରର ଅନନ୍ତନାଗରେ ସୁରକ୍ଷା କର୍ମୀ ଏବଂ ଆତଙ୍କବାଦୀ ଗୁଳିବିନିମୟରେ ଓଡିଆ ଯବାନ ଅଜିତ ସାହୁ ସହିଦ ହୋଇଛନ୍ତି । ଯବାନ ଅଜିତଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସହିଦ ଯବାନ ଅଜିତ ସାହୁ ୨୦୧୫ ମସିହାରେ ସେନାରେ ଯୋଗ ଦେଇ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇ ଆସୁଥିଲେ । ଗତ ରାତିରେ ହୋଇଥିବା ଗୁଳିବିନିମୟରେ ସେ ସହିଦ ହୋଇଛନ୍ତି । ତାଙ୍କ ବିୟୋଗରେ ଶ୍ରୀ ପଣ୍ଡା ଅତ୍ୟନ୍ତ ମର୍ମାହତ ବୋଲି କହିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

ଶିମିଳିପାଳରେ ମାଈ ହାତୀର ମୃତ୍ୟୁ

କପ୍ତିପଦା, ୧୮।୬ (ନି.ପ୍ର.): ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ପୋଡ଼ାଡ଼ିହା ସେକ୍ସନ୍ ବାଲିଦର ନିକଟସ୍ଥ ତୁବିଘାଟ ନିକଟରେ ଚିକିତ୍ସିତ ହେଉଥିବା ଏକ ମାଈହାତୀରମୃତ୍ୟୁ ଘଟିଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ, ୭ଦିନ ପୂର୍ବରୁ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟରଶୋଭାକର ସିଂ ଏବଂ ବନବିଭାଗ କର୍ମଚାରୀମାନେ ତୁବିଘାଟ ନିକଟରେ ଏକ ମାଈହାତୀଟି ପଛପାଖ ବାମଗୋଡ଼ରେ ଘୋଷାରି ଘୋଷାରି ଚାଲୁଥିବାର ଦେଖିବାକୁ ପାଇଥିଲେ । ସଂଗେସଂଗେ ବାରିପଦାରୁ ପ୍ରାଣୀ ଚିକିତ୍ସାଧିକାରୀ ପିୟୁଷ ସୋରେନ୍ ଏବଂ ବନ୍ଦିତା ମିଶ୍ର ଘଟଣାସ୍ଥଳକୁ ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ । ଡ଼ିଏଫଓ ସ୍ୱୟମ୍ ମଲ୍ଲିକ୍, ଏସିଏଫ୍‌ଓ ଶରତ ମିଶ୍ର ଘଟଣାସ୍ଥଳରେ ପହଂଚି ହାତୀର ଅବସ୍ଥା ଅନୁଧ୍ୟାନ କରି ଫେରିଥିଲେ । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଅଛି ।

୧୦ ଜିଲ୍ଲାରେ ହେବ ବିଜ୍ଞାନ ପ୍ରଚାର ସମିତି

ଭୁବନେଶ୍ୱର, ୧୮/୬: ଛାତ୍ରଛାତ୍ରୀ ତଥା ଜିଜ୍ଞାସୁମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର କିମ୍ବା ବିଜ୍ଞାନ ପାର୍କ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ରାଜ୍ୟର ୧୦ଟି ଜିଲ୍ଲାରେ ବିଜ୍ଞାନ ପ୍ରଚାର ସମିତି ଗଠନ କରାଯିବ । ଆଜି ଉପରୋକ୍ତ ମର୍ମରେ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭାଗ ପ୍ରଦତ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ରାଜ୍ୟସ୍ତରରେ ବିଜ୍ଞାନ ପ୍ରଚାର ସମିତି ରହିଥିବାବେଳେ ଏଣିକି ଜିଲ୍ଲାସ୍ତରରେ ସମିତିମାନ ଗଠନ କରାଯିବ ବୋଲି କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାରେ ବିଜ୍ଞାନ ପ୍ରଚାର ସମିତି ଗଠିତ ହେବ । ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ-୧୮୬୦ ଅନୁସାରେ ସମିତିଗୁଡ଼ିକ ପଞ୍ଜୀକୃତ ହେବ । ଏହି ସମିତିରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସଂପାଦକ ଭାବରେ ଦାୟିତ୍ୱ ନିର୍ବାହ କରିବେ । ଜିଲ୍ଲାସ୍ତରରେ ବିଜ୍ଞାନ ପ୍ରଚାର ସମିତି କାର୍ଯ୍ୟକରିବା ଫଳରେ ବିଭିନ୍ନ ମହଲରେ ବିଜ୍ଞାନ ସଂପର୍କିତ ଜ୍ଞାନ ବିନିମୟ ହେବା ସହିତ ବିଜ୍ଞାନ ପ୍ରତି ଆଗ୍ରହ ଓ ଆଦର ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶା ପ୍ରକାଶ କରିଛନ୍ତି ।

ୟେରୀ ମିନା ହିରୋ ମୋଟୋକର୍ପ କଲମ୍ବିଆ ବ୍ରାଣ୍ଡ୍ ଆମ୍ବାସଡର ନିଯୁକ୍ତ

ନୂଆଦିଲ୍ଲୀ, ୧୮।୬: ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲିଃ. ପକ୍ଷରୁ କଲମ୍ବିଆର ୨୪ ବର୍ଷ ବୟସ୍କ ଯୁବ ଫୁଟବଲ ଖେଳାଳି ୟେରୀ ମିନାଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ଭାବରେ ନିଯୁକ୍ତ କରାଯାଇଛି । ୟେରୀ ମିନା ଫିଫା ବିଶ୍ୱ କପ୍ ରୁଷିଆରେ କଲମ୍ବିଆର ଜାତୀୟ ଫୁଟବଲ ଦଳ ଆଣ୍ଡିସ୍ କୁଇ ପକ୍ଷରୁ ଖେଳୁଥିଲେ । ଏହି ଅବସରରେ ହିରୋ ମୋଟୋକର୍ପର ପରଫରମାନ୍ସ ଟ୍ରାନ୍ସ ଫରମେସନ୍ ଆଣ୍ଡ୍ ଗ୍ଲୋବାଲ ବିଜନେସ୍ ଷ୍ଟ୍ରାଟେଜି ମୁଖ୍ୟ ରଜତ ଭାର୍ଗବ କହିଲେ, " ସମ୍ପ୍ରତି ହିରୋ ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ଭାବରେ ନିଜର ସ୍ଥିତି ସୁଦୃଢ଼ କରିପାରିଛି । କଲମ୍ବିଆ ବଜାର କମ୍ପାନୀ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ କମ୍ପାନୀ ପକ୍ଷରୁ କାରବାର ବୃଦ୍ଧି ନିମନ୍ତେ ୟେରୀ ମିନାଙ୍କୁ ବ୍ରାଣ୍ଡ୍ ଆମ୍ବାସଡର୍ ଭାବେ ନିଯୁକ୍ତ କରାଯାଇଛି ।" ଆସନ୍ତା ମାସଠାରୁ ୟେରୀ ମିନାଙ୍କ ମଲ୍ଟି ମିଡ଼ିଆ ଅଭିଯାନ ବିଭିନ୍ନ ପ୍ଲାଟଫର୍ମରେ କରାଯିବ । ଏଥିରେ କମ୍ପାନୀର ନୂଆ ପ୍ରିମିୟମ୍ ମୋଟରସାଇକେଲ ଏବଂ ହାୟର ପାୱାର ସ୍କୁଟରକୁ ସାମିଲ୍ କରାଯିବ ।

ଏହି ଅବସରରେ ୟେରୀ ମିନା କହିଲେ, " ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ହିରୋ ମୋଟୋ କର୍ପ ସହିତ ମିଳିତ ହୋଇଥିବାରୁ ମୁଁ ବେଶ୍ ଆନନ୍ଦିତ । ବିଭିନ୍ନ ପ୍ରକାର ଖେଳରେ କମ୍ପାନୀ ପ୍ରୋତ୍ସାହକ ଭାବେ କାର୍ଯ୍ୟ କରିବା ମତେ ବେଶ୍ ଆକୃଷ୍ଟ କରିପାରିଛି । ହିରୋ ମୋଟୋ କର୍ପ ପରିବାରର ସଦସ୍ୟ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି ।" ହିରୋ ମୋଟୋ କର୍ପ ବିଶ୍ୱ ବଜାରରେ ନିଜର କାରବାର ବୃଦ୍ଧି ପ୍ରୟାସ ଜାରି ରଖିଛି । ୨୦୧୬ରେ ଭାରତର ପ୍ରଥମ ଦୁଇ ଚକିଆ ଯାନ କମ୍ପାନୀ ଭାବେ ଏହା ଲାଟିନ୍ ଆମେରିକାର କଲମ୍ବିଆର କାଉକା ପ୍ରଦେଶର ଭିଲା ରିକାଠାରେ ନିର୍ମାଣ ୟୁନିଟ୍ ସ୍ଥାପନ କରିଥିଲା । ଏଠାରେ ୧,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । କଲମ୍ବିଆରେ କମ୍ପାନୀ ୨୦୦-ଆର୍ ସମେତ ମୋଟରସାଇକେଲ ଏବଂ ସ୍କୁଟର କ୍ଷେତ୍ରରେ ୧୦ଟି ଉତ୍ପାଦ ପ୍ରସ୍ତୁତ କରିପାରିଛି ।

ଘରୋଇ ସାଟେଲାଇଟ୍ ଟେଲିଭିଜନ ଚ୍ୟାନେଲଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ପରାମର୍ଶ

ରିଅଲିଟି ଶୋ ପ୍ରଦର୍ଶନ ସମୟରେ ସଂଯମତା ରକ୍ଷା କର

ନୂଆଦିଲ୍ଲୀ, ୧୮।୬: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ଲକ୍ଷ୍ୟ କରାଯାଇଛି ଯେ ଅନେକ ନୃତ୍ୟ ଆଧାରିତ ରିଅଲିଟି ସୋ ମାନଙ୍କରେ ଛୋଟପିଲାମାନେ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଲୋକପ୍ରିୟ ମନୋରଞ୍ଜନ ମାଧ୍ୟମଗୁଡ଼ିକରେ ବଡ କଳାକାରମାନେ ପ୍ରଦର୍ଶନ କରୁଥିବା କେତେକ ଭଙ୍ଗୀ ପ୍ରଦର୍ଶନ କରୁଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ଅତ୍ୟନ୍ତ ଉତେଜକ ଏବଂ ଛୋଟପିଲାଙ୍କ ବୟସ ଅନୁରୂପ ନୁହେଁ । ଏହା ଛୋଟ ବୟସରେ ପିଲାମାନଙ୍କ ଉପରେ କୁ ପ୍ରଭାବ ପକାଇବାର ସମ୍ଭାବନା ରହିଛି ।

ସମସ୍ତ ଘରୋଇ ସାଟେଲାଇଟ ଟେଲିଭିଜନ ଚ୍ୟାନେଲଗୁଡ଼ିକ କେବୁଲ ଟେଲିଭିଜନ ନେଟୱର୍କ ଆଇନ, ୧୯୯୫ ଅନ୍ତର୍ଗତ କାର୍ଯ୍ୟକ୍ରମ ଏବଂ ବିଜ୍ଞାପନ କୋଡରେ ଥିବା ବ୍ୟବସ୍ଥା ପାଳନ କରିବେ ବୋଲି ଆଶା କରାଯାଉଛି । ନିୟମ ଅନୁଯାୟୀ ପିଲାମାନଙ୍କୁ କଳଙ୍କିତ କରୁଥିବା କୌଣସି କାର୍ଯ୍ୟ ଟେଲିଭିଜନରେ ପ୍ରସା